## ବ୍ୟାସନଗର କ୍ରୀଡ଼ା ଇତିହାସରେ ଯୋଡ଼ିହେଲା ନୂତନ ଅଧ୍ୟାୟ

# ବହୁମୁଖୀ ଇନ୍‌ଡୋର ଷ୍ଟାଡ଼ିୟମ ଉଦ୍‌ଘାଟିତ




ବ୍ୟାସନଗର, ୨୩।୨(ସମିସ)

ବ୍ୟାସନଗର କ୍ରୀଡ଼ା ଇତିହାସରେ ଶୁକ୍ରବାର ଯୋଡି ହୋଇଛି ନୂତନ ଅଧ୍ୟାୟ। ଦୀର୍ଘ ବର୍ଷ ପରେ ବ୍ୟାସନଗର ଭଳି ସହରରେ ଗୋଟିଏ ସ୍ଥାନରେ ବହୁମୁଖୀ ଇନଡୋର କ୍ରୀଡ଼ା ଖେଳିବାର ସୁଯୋଗ ମିଳିବ। ଆଜି ମୁଖ୍ୟମନ୍ତ୍ରୀ ବହୁମୁଖୀ ଇନଡୋର ଷ୍ଟାଡିୟମର ଉଦଘାଟନ କରିଛନ୍ତି। ଫଳରେ ଯୁବଗୋଷ୍ଠୀ ବ୍ୟାଡ଼ମିଣ୍ଟନ, ଯୋଗ, ଟେବୁଲ ଟେନିସ୍ ଖେଳିବାର ସୁଯୋଗ ପାଇବେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଓ ଯୁବଗୋଷ୍ଠୀଙ୍କୁ କ୍ରୀଡ଼ା ନିମନ୍ତେ ଉତ୍ସାହିତ କରିବା ନିମନ୍ତେ ରାଜ୍ୟ ତଥା ଜିଲ୍ଲାର ବିଭିନ୍ନ ସ୍ଥାନରେ କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ କରୁଛନ୍ତି। ଯାହା ଭବିଷ୍ୟତରେ ଯୁବ କ୍ରୀଡାବିତ୍ ସୃଷ୍ଟି କରିବା ସହିତ କ୍ରୀଡା କ୍ଷେତ୍ରରେ ଓଡ଼ିଶା ନିଜର ଆଧିପତ୍ୟ ବିସ୍ତାର କରିବ। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର କ୍ରୀଡ଼ା ବିକାଶ କେନ୍ଦ୍ର ଅନେକାଂଶରେ ସଫଳତା ପାଉଥିବାବେଳେ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମର ନିର୍ମାଣ ଏହାର ଏକ ନିଚ୍ଛକ ଉଦାହରଣ। ଏପର୍ଯ୍ୟନ୍ତ ୨-୨ ଥର ହକି ବିଶ୍ୱକପ ଆୟୋଜନ କରିବା ସହିତ ଭାରତୀୟ ହକି ଦଳର ମୁଖ୍ୟ ପ୍ରଯୋଜକ ସାଜି କ୍ରୀଡାବିତ୍‌ଙ୍କ ପାଇଁ ସ୍ୱର୍ଣ୍ଣିମ ପ୍ଲାଟଫର୍ମ ନିର୍ମାଣ କରାଇଛି। ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ ମୋଟ ୬୬୦ କୋଟି ଟଙ୍କା ବ୍ୟୟ ଅଟକଳରେ ୪୮ଟି ବହୁମୁଖୀ ଇନଡୋର ଷ୍ଟାଡିୟମ, ୧୨ଟି ହକି ପ୍ରଶିକ୍ଷଣ କେନ୍ଦ୍ର, ଟେବୁଲ ଟେନିସ ଏକାଡେମୀ, ଜିମ୍ନାଷ୍ଟିକ ଏକାଡେମୀ, ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ର, କେନ୍ଦ୍ରାପଡ଼ାରେ ମହିଳା ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ର, ଇନଡୋର ସୁଇମିଂ ପୁଲ

**● ବ୍ୟାଡମିଣ୍ଟନ, ଯୋଗ, ଟେବୁଲ ଟେନିସର ସୁବିଧା ପାଇବେ ଯୁବଗୋଷ୍ଠୀ**

ଆଦି ସ୍ଥାନ ପାଇଛି। ଏହି ଶୁଭ ଅବସରରେ ୯ କୋଟି ୯୧ଲକ୍ଷ ଟଙ୍କା ବ୍ୟୟରେ ଯାଜପୁର ଜିଲ୍ଲା ବ୍ୟାସନଗର ସହରରେ ଏକ ବହୁମୁଖୀ ଇନଡୋର ଷ୍ଟାଡିୟମ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଲୋକାର୍ପଣ କରିଛନ୍ତି। ପାଣିକୋଇଲି ପୂର୍ତ୍ତ ବିଭାଜନ (ରାସ୍ତା ଏବଂ ଗୃହ) ଅଧୀନରେ ନିର୍ମାଣ ହୋଇଥିବା ଏହି ବହୁମୁଖୀ





ଇନଡୋର ଷ୍ଟାଡିୟମରେ ଏକ ସଙ୍ଗରେ ଶତାଧିକ କ୍ରୀଡାବିତ୍ ଟେବୁଲ ଟେନିସ, ବ୍ୟାଡମିଣ୍ଟନ, ଯୋଗ ପ୍ରଶିକ୍ଷଣ ଓ ଅତ୍ୟାଧୁନିକ ଜିମର ସୁବିଧା ହାସଲ କରିପାରିବେ। ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ ହୋଇଥିବା ଏହି ବହୁମୁଖୀ ଇନଡୋର ଷ୍ଟାଡିୟମ ଶୁକ୍ରବାର ଲୋକାର୍ପିତ ହେବା ପରେ ସହର ଓ ଏହାର ଆଖପାଖରେ ରହିଥିବା କ୍ରୀଡ଼ାବିତ୍‌ଙ୍କ ମନରେ ଉତ୍ସାହ ଓ ଉନ୍ମାଦନା ଭରିଯାଇଛି। ପୂର୍ବରୁ ଏସବୁ ନିମନ୍ତେ କ୍ରୀଡ଼ାବିତ୍ ଦୂରଦୂରାନ୍ତକୁ ଯାତ୍ରା କରି ଏହି କ୍ରୀଡ଼ା ଖେଳିବାର ସୁଯୋଗ ପାଉଥିବାବେଳେ ଏନେଇ ଅନେକ ସମୟ ଅଯଥାରେ ଖର୍ଚ୍ଚ କରୁଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏଭଳି ସମୟଉପଯୋଗୀ କ୍ରୀଡା ଭିତ୍ତିଭୂମିର ରୂପାନ୍ତରଣ ଓ କ୍ରୀଡ଼ା ବାତାବରଣ ସୃଷ୍ଟି ନେଇ ସ୍ଥାନୀୟ କ୍ରୀଡାବିତ୍ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଏହି ବହୁମୁଖୀ ଇନଡୋର ଷ୍ଟାଡିୟମ ପରିସରରେ ଫେଭର ରୋଡ, ଡ୍ରେନ, ଘାସ ଗାଲିଚା, ଫୁଟପାଥ୍ ଓ ବିଦ୍ୟୁତ ଷ୍ଟେସନ ସାଙ୍ଗକୁ ଉନ୍ନତମାନର ରାସ୍ତା ନିର୍ମାଣ ହୋଇଛି। ଶୁକ୍ରବାରର ଏହି ଶୁଭ ଉଦଘାଟନ ଉତ୍ସବରେ କୋରେଇ ବିଧାୟକ ଅଶୋକ କୁମାର ବଳ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗକେଶରୀ ଲଙ୍କେଶ୍ୱର ଅମାତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ମୁଖ୍ୟ ପ୍ରକଳ୍ପ ଅଧିକାରୀ ଅଶୋକ କୁମାର ବେହୁରିଆ, ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ, ବ୍ୟାସନଗର ପୌରପରିଷଦ ଅଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ, ଉପନଗରପାଳ ସୁବାସ ଚନ୍ଦ୍ର ବଳ, ପାଣିକୋଇଲି ପୂର୍ତ୍ତ ବିଭାଜନ (ରାସ୍ତା ଓ ଗୃହ) ପୂର୍ଣ୍ଣଚନ୍ଦ୍ର ଦଳାଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ଦିଲ୍ଲୀପ କୁମାର ନାଏକ, କନିଷ୍ଠ ଯନ୍ତ୍ରୀ ତାପସ କୁମାର ପୃଷ୍ଟି, ଜିଲେଡି ବିଭାଗ କନିଷ୍ଠ ଯନ୍ତ୍ରୀ ରଞ୍ଜିତ କୁମାର ସେଠୀ, ଯାଜପୁର ଜିଲ୍ଲା କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ନଗରପାଳ ରସାନନ୍ଦ ମହାନ୍ତି, ଜିଲ୍ଲା ମହିଳା ସଭାନେତ୍ରୀ ସବିତା ରାଉତ, ବିଧାୟକଙ୍କ ପ୍ରତିନିଧି ଅମୂଲ୍ୟ ନାୟକ, ସ୍ଥାନୀୟ କାଉନସିଲର ଶିବାନନ୍ଦ ନାୟକ, ବିଜେଡି ନଗର ସମ୍ପାଦକ ମହେଶ ଧଳ, କାଉନସିଲର ପାର୍ଥସାରଥୀ ନାୟକ, ଅଶୋକ କୁମାର ରାଉତ ଓ ସହରର ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ ମହିଳା ଓ ସ୍ଥାନୀୟ କ୍ରୀଡାବିତ୍, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ୪ ପଞ୍ଚାୟତରେ ମନ୍ତ୍ରୀଙ୍କ ମାରାଥନ କାର୍ଯ୍ୟକ୍ରମ

**ଟମକା, ୨୩।୨(ସମିସ):** ଦାନଗଦି ବ୍ଲକର ନଛିପୁରା, ଗୋବର୍ଦ୍ଧନପୁର, ଚିତ୍ରୀ ଓ ସାଳିଜଙ୍ଗା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶାର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ମହିଳା ଗୋଷ୍ଠୀ ପକ୍ଷରୁ ବିଭିନ୍ନ ପ୍ରକାର ଉନ୍ନତମାନର ପନିପରିବା, ହାତ ତିଆରି ଖାଇବା ଜିନିଷ ଷ୍ଟଲ୍ କରି ପ୍ରଦର୍ଶନ କରିଥିଲେ। ଏହି ଶିବିରରେ ମୁଖ୍ୟଅତିଥି ଭାବେ ଇଂ ପ୍ରୀତିରଞ୍ଜନ ଘଡ଼ାଇ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ଉପାଧ୍ୟକ୍ଷ ଅଜୟ ବିନ୍ଧାଣୀ, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରାଣୀ ରାଉତ, ଟିନା ହାଇବ୍ରୁ ଯୋଗ ଦେଇ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମସ୍ତଙ୍କ ପାଖରେ ଯେପରି ପହଞ୍ଚି ପାରିବ ସେଥିଲାଗି ନିଜନିଜ କର୍ତ୍ତବ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପ୍ରତି ପଞ୍ଚାୟତରେ ଆଦର୍ଶ ଶିକ୍ଷକ, ଆଦର୍ଶ କୃଷକ, ମେଧାବୀ ଛାତ୍ରଛାତ୍ରୀ, ଅନ୍ୟ ପାଇଁ ପ୍ରେରଣା ସାଜିଥିବା ମହିଳା ଗୋଷ୍ଠୀର ସଦସ୍ୟା, ପଞ୍ଚାୟତର ଗୌରବ ସମ୍ମାନ ବଢ଼ାଇଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସରକାରଙ୍କ ସଚେତନମୂଳକ ପୁସ୍ତକ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ମନ୍ତ୍ରୀ ଶ୍ରୀ ଘଡ଼ାଇ ଉନ୍ମୋଚନ କରିଥିଲେ। ପ୍ରତି ପଞ୍ଚାୟତରେ ଶିକ୍ଷାବିତ୍ ବାବାଜୀ ଚରଣ ଜେନା ମଞ୍ଚ ପରିଚାଳନା କରିଥିଲେ। ଏହି ମହା ଉତ୍ସବରେ ଲକ୍ଷ୍ମୀଧର ବେହେରା, ଅଞ୍ଜନ କୁମାର ପ୍ରଧାନ, ହରିହର ବାରିକ, ରଘୁନାଥ ମହାରଣା, ମୁରଲୀ ବାରିକ, ପଦ୍ମନାଭ ବେହେରା, ବାଇଧର ବାରିକ, ଅଜୟ ଜେନା ସନ୍ତୋଷ ପାତ୍ର, ରୁବୁନ୍ ସାହୁ, ଅନ୍ତର୍ଯ୍ୟାମୀ ପୃଷ୍ଟି, କାମ୍ପାଳ ମିଶ୍ର. ନାରିନେତ୍ରୀ ବେବିନା ସମେତ ପଞ୍ଚାୟତର ପିଇ ଓ ମିଶନ ଶକ୍ତିର କର୍ମକର୍ତ୍ତା ସହଯୋଗ କରିଥିଲେ।

## ଦଉପୁର ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା

**କଯାଁଗୋଲା, ୨୩।୨(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ଦଉପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସମିତିସଭ୍ୟ ଅକ୍ଷୟ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଦଉପୁର ସରପଞ୍ଚ ସୁଚିସ୍ମିତା ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ରେଖାରାଣୀ ଯେନା, ସମାଜସେବୀ ଗଦାଧର ନାୟକ, ମନୋରଞ୍ଜନ ପରିଡ଼ା, ଉମାକାନ୍ତ ନାୟକ, ତୁଷାର ସାମଲ, ପ୍ରଦୀପ ଦାସ, ଅଭିଜିତ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଫକୀର ମୋହନ ଦଳେଇ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖି ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏ ଅବସରରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶତାଧିକ ବିଜେପି କର୍ମୀ ବିଜେଡିରେ ସାମିଲ

**ସୁକିନ୍ଦା, ୨୩।୨(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ଦୁଧୋଯୋରୀ ପଞ୍ଚାୟତ ପୂବଳ ଗ୍ରାମର ଶତାଧିକ ବିଜେପି କର୍ମୀ ଶୁକ୍ରବାର ବିଜେପି ଦଳ ତ୍ୟାଗ କରି ବିଜେଡିରେ ସାମିଲ ହୋଇଛନ୍ତି। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଉପସ୍ଥିତିରେ ଏହି କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶଧାରା ଓ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଦୃଢ଼ ନେତୃତ୍ୱରେ ପ୍ରଭାବିତ ହୋଇ ସେମାନେ ବିଜୁ ଜନତା ଦଳରେ ଯୋଗଦେଇଥିବା ପ୍ରକାଶ କରିଛନ୍ତି। ସେମାନଙ୍କ ଯୋଗଦାନ ଫଳରେ ଦୁଧୋଯୋରୀ ପଞ୍ଚାୟତରେ ବିଜୁ ଜନତା ଦଳ ଅଧିକ ଶକ୍ତିଶାଳୀ ହେବ ବୋଲି ମନ୍ତ୍ରୀ ଘଡ଼ାଇ ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବରେ



ସୁକିନ୍ଦା ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ଦାସ, ବ୍ଲକ ବିଜେଡି ସଭାପତି ବିବେକାନନ୍ଦ ବୋଷ, ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଯାଜପୁର ଜିଲ୍ଲା ବିଜେଡି ସମ୍ପାଦକ କୁଶ ମହାନ୍ତ, ବ୍ଲକ ବିଜେଡି ସମ୍ପାଦକ ସାଗର ସିଂସାମନ୍ତ, ସମିତି ସଭ୍ୟା ଗୌରୀ ତିରିଆଙ୍କ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ଶ୍ରୀଗୁରୁକୃପା ଆଶ୍ରମ ଓ ରାମେଶ୍ୱର ପୀଠ ମହାଯଜ୍ଞ ଉଦ୍‌ଯାପିତ



**କବାଟବନ୍ଧ, ୨୩।୨(ସମିସ) :** ଧର୍ମଶାଳା ବ୍ଲକ ଅଧୀନ ଜେନାପୁର ଥାନା ଅନ୍ତର୍ଗତ ଗୋଡିପାଟିଆସ୍ଥ ଆଧ୍ୟାତ୍ମିକ ପୀଠ ଶ୍ରୀଗୁରୁକୃପା ଆଶ୍ରମ ଓ ଏଠାର ଅଧିଷ୍ଠାତା ରାମେଶ୍ୱର ମହିଦେବଙ୍କ ୧୧ତମ ବାର୍ଷିକ ପ୍ରତିଷ୍ଠା ମହୋତ୍ସବ ଓ ମହାଯଜ୍ଞ ଉଦଯାପିତ ହୋଇଯାଇଛି। ବ୍ରହ୍ମଲୀନ ସନ୍ଥ ଶିରୋମଣି ବାବା ମୌନାନନ୍ଦ ସରସ୍ୱତୀ ମହାରାଜଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଆଶ୍ରମରେ ଗତ ଶ୍ରୀପଞ୍ଚମୀ ତିଥିଠାରୁ ସପ୍ତଦିବସୀୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସାତଦିନ ଧରି ଶ୍ରୀମଦ୍ ଭାଗବତ ପାରାୟଣ, ନାମଯଜ୍ଞ, ସୂର୍ଯ୍ୟପୂଜା, ଗୋପୂଜା, ଅନ୍ନଯଜ୍ଞ, ସନ୍ଥପୂଜନ ସହିତ ଅଙ୍କୁରାରୋପଣ ପୂର୍ବକ ଗୀତା ମହାଯଜ୍ଞ ସମ୍ପନ୍ନ ହୋଇଥିଲା। ଶ୍ରୀଗୁରୁ ଆଶ୍ରମ ବାବା ଜ୍ଞାନାନନ୍ଦ ସରସ୍ୱତୀ ମହାରାଜଙ୍କ ଅଧ୍ୟକ୍ଷତା ଓ ବରିଷ୍ଠ ସାମ୍ବାଦିକ ତଥା ଉତ୍କଳ ସାମ୍ବାଦିକ ସଙ୍ଘ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡାଙ୍କ ପରିଚାଳନାରେ ଆୟୋଜିତ ବାର୍ଷିକ ଉତ୍ସବକୁ ବରିଷ୍ଠ ପୁଲିସ ଅଧିକାରୀ କଟକ ଜିଲ୍ଲା ଚୌଦ୍ୱାର ଏସଡିପିଓ ଉମାକାନ୍ତ ନାୟକ ଉଦଘାଟନ କରିଥିଲେ। ଏଥିରେ ବରିଷ୍ଠ ପୁଲିସ ଅଧିକାରୀ ଆଶିଷ କୁମାର ସାହୁ, ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ, ଯୁବ ସମାଜସେବୀ ରବୀନ୍ଦ୍ର କୁମାର ସାହୁ, ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଟଙ୍କଧର ବାରିକ, ଗୋକୁଳାନନ୍ଦ ସାହୁ ଓ ଶିବପ୍ରସାଦ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

ପୂର୍ବତନ ମନ୍ତ୍ରୀ ବିଧାୟକ ଅମରପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାଯଜ୍ଞର ପୂର୍ଣ୍ଣାହୂତିରେ ଆହୂତି ପ୍ରଦାନ କରିବା ସହ ରାମେଶ୍ୱର ମହାଦେବଙ୍କୁ ଜଳଲାଗି କରିଥିଲେ। ଏଥିରେ ବାବା କବିନ୍ଦ୍ର ଦାସ, ବାବା ଅରୁପାନନ୍ଦ, ଗୁରୁକୃପା ଆଶ୍ରମର ବାବା ବିଚିତ୍ରାନନ୍ଦ ଦାସ ପ୍ରମୁଖ ଯୋଗଦେଇ ଆଶୀର୍ବଚନ ପ୍ରଦାନ କରିଥିଲେ। ଇତ୍ୟବସରରେ ଗୋଡିପାଟିଆ ଗୁରୁକୃପା ଆଶ୍ରମର ରାମସେବକ ମଣ୍ଡଳୀ ଓ ଜଗନ୍ନାଥ ଦେଶମ ଯୁବ ନାଟ୍ୟ ପରିଷଦ ପକ୍ଷରୁ ଦୁଇଦିନ ଧରି ଚିତ୍ତାକର୍ଷକ ନାଟକ ମଞ୍ଚସ୍ଥ ହୋଇଥିଲା।

## ଏକ୍ସପ୍ରେସ ଭଡ଼ା ଉଚ୍ଛେଦ ପାଇଁ ରେଳଯାତ୍ରୀ ସଂଘ ପକ୍ଷରୁ କୃତଜ୍ଞତା

**ବ୍ୟାସନଗର, ୨୩।୨(ସମିସ):** ପ୍ରାୟ ତିନିବର୍ଷ ଧରି କୋଭିଡ ଆଳରେ ସାଧାରଣ ଯାତ୍ରୀଙ୍କଠାରୁ ପାସେଞ୍ଜର ଟ୍ରେନରେ ଏକ୍ସପ୍ରେସ ଭଡା ନିଆଯାଉଥିଲା। ଏହାକୁ ନିୟମିତ ରେଳ ଯାତ୍ରୀ ସଂଘ ଓ ଅନେକ ଗଣଅନୁଷ୍ଠାନ ଘୋର ବିରୋଧ କରିଆସୁଥିଲେ। ଗତ ଦୁଇ ସପ୍ତାହ ତଳେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରିଥିଲେ ନିୟମିତ ରେଳ ଯାତ୍ରୀ ସଂଘ ଆବାହକ ପୂର୍ଣ୍ଣଚନ୍ଦ୍ର ଦାଶ ଓ ଏକ ଦଶଜଣିଆ ପ୍ରତିନିଧି ଦଳ। ସେଠାରେ ପ୍ରତିଶ୍ରୁତି ଦେଇଥିଲେ ରେଳ ମନ୍ତ୍ରୀ। ଏହି ଯାତ୍ରୀଭଡାକୁ ପୂର୍ବ ନିର୍ଦ୍ଧାରିତ ଆଦେଶ ଅନୁସାରେ ଲାଗୁ କରିଥିବାରୁ ସଂଘର ରାଜ୍ୟ ଆବାହକ ଏକ ଭିଡିଓ ବାର୍ତ୍ତା ଓ ପ୍ରେସ ବିବୃତ୍ତିରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କୃତଜ୍ଞତା ଜଣାଇବା ସହିତ ଅନ୍ୟାନ୍ୟ ଦାବି ତୁରନ୍ତ ବିଚାର କରି ସାଧାରଣ ଯାତ୍ରୀଙ୍କୁ ନ୍ୟାୟ ଦେବାକୁ ନିବେଦନ କରିଛନ୍ତି। ଆଜି ଯାତ୍ରୀ ସଂଘର ରାମଚନ୍ଦ୍ର ପ୍ରତାପ, ଆଶୁତୋଷ କର, ଦୁର୍ଯ୍ୟୋଧନ ବଟ୍ଟ, ତରୁଣ କୁମାର ବେହେରା, ସରୋଜ ଦାସ, ଦିନେଶ ସାହୁ, ଆଲୋକ ରଞ୍ଜନ ବିଶ୍ୱାଳ, ବିଶ୍ୱଜିତ କର, ପବିତ୍ର ନାୟକ ଅଭିନନ୍ଦନ ଜଣାଇଥିଲେ।

## ୫୦ ଲିଟର ଦେଶୀମଦ ଜବତ, ୩ ଗିରଫ

**ବ୍ୟାସନଗର/କୋରେଇ, ୨୩।୨(ସମିସ):** ଡୋଲିପୁର ଅବକାରୀ ବିଭାଗ ପକ୍ଷରୁ କୋରେଇର ବିଭିନ୍ନ ଅଞ୍ଚଳରେ ଚଢ଼ଉ କରାଯାଇ ୫୦ ଲିଟର ଦେଶୀମଦ ଜବତ କରିବା ସହିତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଦିନ ୨ ଘଟିକା ସମୟରେ ଡୋଲିପୁର ଅବକାରୀ ବିଭାଗ ଅଧିକାରୀ ନାରାୟଣ ବେହେରା କୋରେଇ ଅଞ୍ଚଳର ପାଣିକୋଇଲି, ମୀନାବଜାର ଛକ ଓ ବ୍ୟାସନଗରର ଗୋପବନ୍ଧୁ ଛକରେ ଚଢ଼ଉ କରିଥିଲେ। ଏହି ସମୟରେ ୩ ଜଣ ବ୍ୟକ୍ତି ଦେଶୀମଦ ବିକିବାକୁ ନେଇଆସୁଥିବା ଦେଖି ଗିରଫ କରିନେଇଥିଲେ। ଏହି ଗିରଫ ବ୍ୟକ୍ତି ସ୍ଥାନୀୟ ଅଞ୍ଚଳର ଲକ୍ଷ୍ମୀନାରାୟଣ ଦାସ, ସହଦେବ ସାମଲ ଓ ବିନୋଦ ଯାଦବ ବୋଲି ଜଣାପଡ଼ିଛି। ଅବକାରୀ ବିଭାଗ ପକ୍ଷରୁ ଏହି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ତିନୋଟି ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ସବ-ଇନ୍ସପେକ୍ଟର ଶ୍ରୀକାନ୍ତ କୁମାର ପଣ୍ଡା, ଏସଆଇ କ୍ଷୀରୋଦ କୁମାର ସାହୁ, ଶୁଭସ୍ମିତା ପ୍ରଧାନ, ମାଳତୀ ମାଝୀ, ସୁଚିତ୍ରା ନାୟକଙ୍କ ସମେତ କର୍ମଚାରୀ ସାମିଲ ଥିଲେ।

## ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ରାୟଙ୍କ ପ୍ରତିମୂର୍ତ୍ତି ଅନାବରଣ

**କଯାଁଗୋଲା, ୨୩।୨(ସମିସ):** ଦଶରଥପୁର ବ୍ଲକ ଜାଫରପୁର ପଞ୍ଚାୟତସ୍ଥ ଚାଉଳିଆ ଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପାଳଟପୁର ପଞ୍ଚାୟତର ପ୍ରଥମ ସରପଞ୍ଚ ଭାଗୀରଥି ରାୟଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ଚାଉଳିଆଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ତଥା ଦଳର ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ କୁମାର ପଟ୍ଟନାୟକ ଓ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ସାଂସଦ ତଥା କଂଗ୍ରେସ ଶ୍ରମିକ ୟୁନିଅନର ନେତା ରାମଚନ୍ଦ୍ର ଖୁଣ୍ଟିଆ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ରାୟଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ।



ଏ ଅବସରରେ ବ୍ଲକ କଂଗ୍ରେସ ସଭାପତି ଶ୍ୟାମସୁନ୍ଦର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ଯୋଗଦେଇଥିବା ନେତା ସ୍ୱର୍ଗତଃ ଭାଗୀରଥି ରାୟ ପାଳଟପୁର ପଞ୍ଚାୟତର ସରପଞ୍ଚ ଭାବେ ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିବାବେଳେ ଭାରତର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଅତୁଳନୀୟ ଥିଲା। ଇଂରେଜଙ୍କୁ ହଟାଇବା ପାଇଁ ସେ ଅଞ୍ଚଳର ଲୋକଙ୍କୁ ଏକାଠି କରି ବଡ଼ଧରଣର ଜନଆନ୍ଦୋଳନ ସେତେବେଳେ ଆରମ୍ଭ କରିଥିଲେ। ଏଭଳି ଜଣେ ବିଶିଷ୍ଟ ନିଷ୍ଠାପର ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିବା ଫଳରେ ତାଙ୍କ ଅମର ଆତ୍ମା ଶାନ୍ତିଲାଭ କରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତ, ଯାଜପୁର ବିଧାନସଭା ଆସନର କଂଗ୍ରେସ ବିଧାୟକ ପ୍ରାର୍ଥୀ ଥିବା ସନ୍ତୋଷ କୁମାର ନନ୍ଦ, ବିଞ୍ଝାରପୁରର କଂଗ୍ରେସ ନେତ୍ରୀ କନକଲତା ମଲ୍ଲିକ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରଞ୍ଜିତା ରାଉତ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।

## ଭଙ୍ଗା ଟ୍ୟାପ୍‌ରୁ ରାସ୍ତାରେ ମାଡୁଛି ପାଣି



**କବାଟବନ୍ଧ, ୨୩।୨(ସମିସ):** ବିଭିନ୍ନ ସ୍ଥାନରେ ଲୋକେ ପାନୀୟ ଜଳ ସଙ୍କଟ ଭୋଗ କରୁଥିବାବେଳେ ଧର୍ମଶାଳା ବ୍ଲକ ଅଧୀନ ରାଇଛନ୍ଦା ପଞ୍ଚାୟତ ରାଇଛନ୍ଦା ଗ୍ରାମର ୧୦ ନମ୍ବର ୱାର୍ଡରେ ପାଣି ଟ୍ୟାପ ଭାଙ୍ଗି ପାଣି ବାହାରି ରାସ୍ତାରେ ମାଡୁଛି। ଦୀର୍ଘ ୧୫ ଦିନରୁ ଊର୍ଦ୍ଧ୍ୱ ହେବ ଏହି ସମସ୍ୟା ଲାଗି ରହିଛି। ପଞ୍ଚାୟତର କେତେକ ଗ୍ରାମ ଏବେବି ପାଇପ ଯୋଗେ ପାନୀୟ ଜଳ ପାଇବାରୁ ବଞ୍ଚିତ ଥିବାବେଳେ ଏଠାରେ କିନ୍ତୁ ପାନୀୟ ଜଳ ବହୁମାତ୍ରାରେ ନଷ୍ଟ ହେବାରେ ଲାଗିଛି। ଫଳରେ ୱାର୍ଡବାସୀ ପ୍ରଭାବିତ ହେଉଛନ୍ତି। ପାନୀୟ ଜଳ ଯୋଗାଣ ପାଇଁ ନିମ୍ନମାନର ପାଇପ ଓ ଟ୍ୟାପ ଲଗାଯାଇଥିବାରୁ କେଉଁଠି ପାଇପ ଫାଟିଯାଉଛି ତ କେଉଁଠି ଦୁଇ ମାସ ଭିତରେ କଳଙ୍କି ଲାଗି ଟ୍ୟାପ ଭାଙ୍ଗିବା ସହ ଉଚିତ ରକ୍ଷଣାବେକ୍ଷଣ କରାଯାଉ ନ ଥିବା ନେଇ ସଙ୍ଗିନ ଅଭିଯୋଗ ହେଉଛି। ଫଳରେ ରାସ୍ତାରେ ପାଣି ଜମୁଥିବାରୁ ଲୋକମାନେ ଚାଲି ଯିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏ ଦିଗରେ ବିଭାଗୀୟ ଅଧିକାରୀ ତୁରନ୍ତ ପଦକ୍ଷେପ ନେବାକୁ ୱାର୍ଡବାସୀ ଦାବି କରିଛନ୍ତି।

## ଅରଙ୍ଗାବାଦରେ ସିଏଫ୍‌ସି ପ୍ରତିଷ୍ଠାରେ ବିଳମ୍ବ

# ହସ୍ତଶିଳ୍ପ ନିର୍ଦ୍ଦେଶିକାଙ୍କ ନିକଟରେ ଫେରାଦ ହେଲେ ପୂର୍ବତନ ବିଧାୟକଙ୍କ ପୁତ୍ର

ଧର୍ମଶାଳା, ୨୩।୨ (ସମିସ)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦ ଗ୍ରାମରେ ସିଏଫ୍‌ସି ପ୍ରତିଷ୍ଠାରେ ବିଳମ୍ବ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଯାହାକୁ ନେଇ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଦୁଇପୁତ୍ର ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶିକାଙ୍କ ନିକଟରେ ଫେରାଦ ହୋଇଛନ୍ତି। ସିଏଫ୍‌ସି ପ୍ରତିଷ୍ଠା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେବାର ଦୁଇବର୍ଷ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ସ୍ୱର୍ଗତ ଲାବଣ୍ୟଙ୍କ ବଡପୁଅ ହରିଶଙ୍କର କଲେଜ ଅଧ୍ୟକ୍ଷ ବଳଭଦ୍ର ଦାଶ ଓ ସାନପୁଅ ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ହସ୍ତଶିଳ୍ପ ନିର୍ଦ୍ଦେଶିକା ପ୍ରଣତୀ ଛୋଟରାୟଙ୍କୁ ଶୁକ୍ରବାର ଭୁବନେଶ୍ୱରସ୍ଥ କାର୍ଯ୍ୟାଳୟରେ ସାକ୍ଷାତ କରି



ଅଭିଯୋଗ କରିଛନ୍ତି। ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ଉଦ୍ୟମରେ ଅରଙ୍ଗାବାଦ ଗ୍ରାମର ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ର ପ୍ରତିଷ୍ଠା ହୋଇଥିବାବେଳେ ଅନୁଷ୍ଠାନର ମହିଳାଙ୍କୁ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଚାନ୍ଦୁଆ କାର୍ଯ୍ୟ ନିର୍ମାଣ ଉପରେ ତାଲିମ ପ୍ରଦାନ କରାଯାଉଛି। ଅରଙ୍ଗାବାଦ ଗ୍ରାମ ସମେତ ଆଖପାଖ ଅଞ୍ଚଳର ଶତାଧିକ ମହିଳା ତାଲିମ ନେଇଛନ୍ତି। ସିଏଫ୍‌ସି ପ୍ରତିଷ୍ଠା ଦ୍ୱାରା ମହିଳାଙ୍କ ପାଇଁ ଗୃହ ନିର୍ମାଣ, ସ୍ୱତନ୍ତ୍ର ତାଲିମ ପ୍ରଦାନ, କଞ୍ଚାମାଲ ଯୋଗାଣ ଅନ୍ୟାନ୍ୟ ଆନୁସଂଗିକ ସୁବିଧା ସୁଯୋଗ ଉପଲବ୍ଧ ହୋଇପାରିବ। ମହିଳାମାନେ ରୋଜଗାରକ୍ଷମ ହେବା ସହିତ ନିଜର ଗୁଜୁରାଣ ମେଣ୍ଟାଇବାରେ ସମର୍ଥ ହୋଇପାରିବେ ବୋଲି ସ୍ୱର୍ଗତ ରବି ଲାବଣ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦୁଇବର୍ଷ ପୂର୍ବେ ସାକ୍ଷାତ କରି ଅବଗତ କରିଥିଲେ। ମୁଖ୍ୟମନ୍ତ୍ରୀ ସିଏଫ୍‌ସି ପ୍ରତିଷ୍ଠା ନେଇ ଆବଶ୍ୟକ ପଦେକ୍ଷପ ଗ୍ରହଣ କରିବାକୁ ହସ୍ତଶିଳ୍ପ ନିର୍ଦ୍ଦେଶାଳୟକୁ ନିର୍ଦ୍ଦେଶ ଦେଇଥିଲେ। ହସ୍ତଶିଳ୍ପ ବିଭାଗ ପକ୍ଷରୁ ଏକ ଟିମ୍ ଅରଙ୍ଗାବାଦ ଗ୍ରାମ ପରିଦଶର୍ନ କରି ମହିଳାଙ୍କ କାର୍ଯ୍ୟଧାରାରେ ସନ୍ତୋଷ ପ୍ରକାଶ କରିବା ସହିତ ଏଠାର ସିଏଫ୍‌ସି ପ୍ରତିଷ୍ଠା କରିବାକୁ ସୁପାରିସ କରିଥିଲେ। ଆଜି ଆଲୋଚନା ସମୟରେ ସିଏଫ୍‌ସି ପ୍ରତିଷ୍ଠା ନେଇ ବିଭାଗ ପକ୍ଷରୁ ଆବଶ୍ୟକ ପଦେକ୍ଷପ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶିକା କହିଥିବା ଜଣାଯାଇଛି।

# ଯାଜପୁରରେ ଝାଡ଼ାବାନ୍ତି; ଶତାଧିକ ଆକ୍ରାନ୍ତ

ଯାଜପୁର/ବ୍ୟାସନଗର/ଶଙ୍ଖଚିଲା, ୨୩।୨(ସମିସ): ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଝାଡାବାନ୍ତିର ପ୍ରକୋପ



ଦେଖାଦେଇଛି। ବିଶେଷକରି ଶଙ୍ଖଚିଲା ଓ ବ୍ୟାସନଗର ଅଞ୍ଚଳରେ ଏହାର ପ୍ରକୋପ ଅଧିକ ଦେଖାଦେଇ ଶତାଧିକ ଲୋକ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଖବର ପାଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ଅସୁସ୍ଥ ରୋଗୀଙ୍କୁ ଭେଟି ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ସେପଟେ ଦୂଷିତ ଖାଦ୍ୟ ଯୋଗୁଁ ଏପରି ଘଟିଥିବା ସନ୍ଦେହ କରି ଖାଦ୍ୟ ନିରାପତ୍ତା ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଜରିମାନା ଆଦାୟ କରିଛି।

ସୂଚନା ମୁତାବକ, ଗତ ଦୁଇଦିନ ହେଲା ବ୍ୟାସନଗର ଓ ଶଙ୍ଖଚିଲା ଅଞ୍ଚଳର ରାଧାନଗର ଗ୍ରାମର କେତେକ ଝାଡ଼ାବାନ୍ତି ଓ ପେଟ ଯନ୍ତ୍ରଣାର ଶିକାର ହୋଇଥିଲେ। ଗାଁର ହୃଷିକେଶ ସାହୁ, ନିରଞ୍ଜନ ସାହୁ, ଦେବସ୍ମିତା ସାହୁ, ଗଣେଶ୍ୱର ସାହୁ, କୁମୁଦୁନୀ ସାହୁଙ୍କ ସମେତ କେତେକଙ୍କୁ ଚିକିତ୍ସା ନିମନ୍ତେ ଶଙ୍ଖଚିଲାସ୍ଥ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଯାଜପୁରରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ସେଠାରୁ ଗୁରୁବାର ଚିକିତ୍ସିତ ହେବା ପରେ ଘରକୁ କିଛି ସମୟ ପରେ ପୁଣି ଝାଡାବାନ୍ତି ହେବାରୁ ପୁନର୍ବାର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହେଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି। ଆଜି ଅଧିକ ସଂଖ୍ୟକ ଲୋକ ସମାନ ଝାଡାବାନ୍ତି ଓ ପେଟଯନ୍ତ୍ରଣାର ଶିକାର ହେବା ପରେ ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଥିଲା। ଶତାଧିକ ରୋଗୀ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଶଙ୍ଖଚିଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସମେତ ବିଭିନ୍ନ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଝାଡ଼ାବାନ୍ତି ହେବାର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ୍ୟ ଶଙ୍ଖଚିଲା ହାଟରେ ବିକ୍ରି ହେଉଥିବା ଦହିବରା ଘୁଗୁନି ଖାଇ ଏଭଳି ହୋଇଥିବା ଡାକ୍ତର ନିବେଦିତା ମହାନ୍ତି ସନ୍ଦେହ କରିଛନ୍ତି। ଠାକୁରପାଟଣା, ରାଧାନଗରପାଟଣା, ଉଦୟପାଟଣା, ନାହାନ୍ଦ ଆଦି ଗ୍ରାମରେ ଅନେକ ବ୍ୟକ୍ତି ଏହି ଝାଡାବାନ୍ତିର ଆକ୍ରାନ୍ତ ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଭୋଜି ଭାତ ଚାଲୁଥିବାରୁ ଏଭଳି ଝାଡ଼ାବାନ୍ତି ଓ ପେଟଯନ୍ତ୍ରଣା ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି।

- ଶଙ୍ଖଚିଲା ଓ ବ୍ୟାସନଗର ଅଞ୍ଚଳରେ ସର୍ବାଧିକ
- ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ଉ
- ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପରିଦର୍ଶନ
- ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଓ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର

ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶୁଭାଶିଷ ମହାରଣା, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ସୁଧାଂଶୁ ଶେଖର ବଳ ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ରୋଗୀଙ୍କୁ ସେମାନଙ୍କ ଅବସ୍ଥା ପଚାରି ବୁଝିଥିଲେ। ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଧାରଣ କ୍ଷମତାଠାରୁ ଅଧିକ ରୋଗୀ ଏକକାଳୀନ ଏଠାରେ ପହଞ୍ଚିବା ପରେ ଡାକ୍ତରଖାନାରେ ରୋଗୀଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏବେ ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି। ଅଧିକ ନୂଆ ରୋଗୀ ଆସୁନାହାଁନ୍ତି ଓ ଝାଡ଼ାବାନ୍ତିରେ ଆକ୍ରାନ୍ତ ରୋଗୀଙ୍କୁ ଆମେ ପ୍ରତିଷେଧକ ଓ ଔଷଧ ଦେଇ ଘରକୁ ପଠାଉଛୁ ବୋଲି ଡାକ୍ତରୀ ଟିମ ମତ ଦେଇଛନ୍ତି। ଏଥିସହିତ ଝାଡ଼ାବାନ୍ତି ପ୍ରଭାବିତ ଅଞ୍ଚଳରେ ଆଗାମୀ ୩ ଦିନ ଧରି ସ୍ୱାସ୍ଥ୍ୟ କ୍ୟାମ୍ପ କରାଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀ ମହାରଣା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଦୂଷିତ ଖାଦ୍ୟ ସନ୍ଦେହରେ ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରୀ ରାକେଶ କୁମାର ସାହୁ ବିଭିନ୍ନ ଉଠାଦୋକାନରେ ଚଢ଼ଉ କରି ସେମାନଙ୍କଠାରୁ ୧୭ ହଜାର ୨ ଶହ ଟଙ୍କା ଜରିମାନା ଆଦାୟ କରିଛନ୍ତି। ଏଥିସହିତ ୨୭ ଜଣ ଦୋକାନୀଙ୍କୁ ନୋଟିସ କରିଥିବା ସୂଚନା ଦେଇଛନ୍ତି।





## ଓଡ଼ିଶା ଖଣି ନିଗମ ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର




କାଳିଆପାଣି, ୨୩।୨(ସମିସ): ଆଜି ଓଡ଼ିଶା ଖଣି ନିଗମ ପକ୍ଷରୁ ଏକ ସ୍ୱାସ୍ଥ୍ୟସେବା ଶିବିର ଆୟୋଜିତ ହୋଇଯାଇଛି। ଟିଙ୍ଗୁଡ଼ିପାଳ ପଞ୍ଚାୟତ ଅନ୍ତର୍ଗତ ଅରଡ଼ାପାଳ ଗ୍ରାମରେ ଏହି ସଞ୍ଜୀବନୀ ସ୍ୱାସ୍ଥ୍ୟ ସେବା ଶିବିର 'ଆରୋଗ୍ୟ' ଆୟୋଜିତ ହୋଇଥିଲା। କାଳିଆପାଣି କେନ୍ଦ୍ରୀୟ ହସ୍ପିଟାଲର ଦୁଇ ଅଭିଜ୍ଞ ଡାକ୍ତର ଜ୍ୟୋତିଷ୍ମାନ ଦାସ ଓ ଡାକ୍ତର ଅଭିଷେକ ବାରିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସହଯୋଗୀ ହିନ୍ଦୁରାମ ଟାଖି ରୋଗୀଙ୍କୁ ଔଷଧ ବଣ୍ଟନ କରିବାରେ ସାହାଯ୍ୟ କରିଥିଲେ। ଆଜିର ଏହି ସ୍ୱାସ୍ଥ୍ୟ ଶିବିରରେ ଅରଡ଼ାପାଳ ଓ ଆଖପାଖ ଗାଁରୁ ଆସିଥିବା ୨୯୦ ଜଣ ଲୋକଙ୍କୁ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରକୁ ଶ୍ରମିକ ନେତା ନାରାୟଣ ଧୀର ଉଦ୍‌ଘାଟନ କରିଥିବାବେଳେ ଜିଲ୍ଲା ପରିଷଦ ସଭ୍ୟା ଜେମା ଟାଖି, ଓଡ଼ିଶା ଖଣି ନିଗମର ବରିଷ୍ଠ ଅଧିକାରୀ ମଧୁସ୍ମିତା ଦାସ, ସୁଶାନ୍ତ ସେଠୀ, ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ବିଶୁଦ୍ଧ ଥଣ୍ଡା ପାନୀୟଜଳ ବ୍ୟବସ୍ଥାର ଲୋକାର୍ପଣ



ଯଖପୁରା, ୨୩।୨(ସମିସ): ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଛି। ଏହାକୁ ଆଖି ଆଗରେ ରଖି ଗ୍ରୀଷ୍ମ ତାପରୁ ଲୋକଙ୍କୁ ସୁରକ୍ଷା ଦେବା ନିମନ୍ତେ ଓଡ଼ିଶା କୃଷି ଶିଳ୍ପ ନିଗମ ପକ୍ଷରୁ ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଅନ୍ତର୍ଗତ ମାଣିତ୍ରି ଗ୍ରାମସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ବିଶୁଦ୍ଧ ଥଣ୍ଡା ପାନୀୟ ଜଳଯୋଗାଣ ବ୍ୟବସ୍ଥାର ଲୋକାର୍ପଣ କରାଯାଇଛି। ସାଧାରଣ ଜନତାଙ୍କ ଦାବିକୁ ଗୁରୁତ୍ୱ ଦିଆଯାଇ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସହ ଏକ ଡାକବାଜି ଯନ୍ତ୍ର ମଧ୍ୟ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା କୃଷି ଶିଳ୍ପ ନିଗମର ଉପାଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ବେଜ୍ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଓଡ଼ିଶା କୃଷି ଶିଳ୍ପ ନିଗମର ଯାଜପୁର ଜିଲ୍ଲା ପରିଚାଳକ ଇଂ. କ୍ରିଷ୍ଣଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟି ସଭାପତି ବୈକୁଣ୍ଠ ରାଉତ, ଉପସଭାପତି ବ୍ରଜବନ୍ଧୁ ନାୟକ, ସମ୍ପାଦକ ଗଣେଶ୍ୱର ବେଜ, ସହସମ୍ପାଦକ କୈଳାସ ରାଉତ, କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ସ୍ୱାଇଁ ଓ ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ପରମାନନ୍ଦ ମାଝୀ, ସୂର୍ଯ୍ୟନାରାୟଣ ବେଜ୍, ଚନ୍ଦ୍ରମଣି ରାଜ, ଚନ୍ଦନ ରାଉତ, ବସନ୍ତ ମାଝୀ, ଗୁଣମଣି ଜେନା, ପଙ୍କଜ ଜେନା, କୈଳାଶ ମାଝୀ, ଯୋଗେନ୍ଦ୍ର ଜେନା, ପ୍ରମୋଦ ମାଝୀ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଏହି ଜନହିତକର କାର୍ଯ୍ୟକୁ ପ୍ରଶଂସା କରିଥିଲେ।

## କାଏମା ପାହାଡ଼ରୁ ମୋରମ ଚାଲାଣକୁ ନେଇ ବିବାଦ

ଧର୍ମଶାଳା, ୨୩।୨(ସମିସ): ଧର୍ମଶାଳା ତହସିଲ ଅନ୍ତର୍ଗତ କାଏମା ପାହାଡ଼ ଏକ ଐତିହାସିକ ସମ୍ପନ୍ନ ପାହାଡ। ଏହା ଓଡ଼ିଶାର ଗର୍ବ ଓ ଗୌରବ ଅଟେ। ବିଶ୍ୱକୁ ଚକିତ କଲାଭଳି ବୌଦ୍ଧିକୀର୍ତ୍ତି ଏହି ପାହାଡ଼ରୁ ଆବିଷ୍କୃତ ହୋଇଛି। ଫଳରେ ଏହା ଆନ୍ତର୍ଜାତିକ ବୌଦ୍ଧକୀର୍ତ୍ତି ସମ୍ପନ୍ନ ପାହାଡ଼ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା ହୋଇ ଏହି ପାହାଡ଼କୁ ସୁରକ୍ଷିତ କରାଯାଇଛି। କିନ୍ତୁ କୌଣସି ପ୍ରକାର ଚଞ୍ଚକତା କରି ହରିପୁର ଅଞ୍ଚଳର ଜଣେ ବ୍ୟକ୍ତି ଏଠାରେ ନିଜସ୍ୱ ପଟ୍ଟା ହାସଲ କରିଥିବା କଥା କହୁଛନ୍ତି। କିଭଳି ଏହି ଲୋକ ନାମରେ ପାହାଡ଼ ଜମି ପଟ୍ଟା ହେଲା, ଏହା ମଧ୍ୟ ତଦନ୍ତ ସାପେକ୍ଷ। କିନ୍ତୁ ଏହାପରେ ଗତକାଲି ରାତିରେ ଏହି ପାହାଡ଼ର କିଛି ଅଂଶକୁ ନିଜ ଜମି ବୋଲି ଦର୍ଶାଇ ହରିପୁର ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କ ସହଯୋଗୀଙ୍କ ମାଧ୍ୟମରେ ବେଆଇନ ମୋରମ ଚାଲାଣ କରୁଥିଲେ। ଉକ୍ତ ଚାଲାଣରେ ବ୍ୟବହୃତ ହେଉଥିବା ଜେସିବି ଓ ଟ୍ରାକ୍ଟର, ଅନ୍ୟ ଗାଡ଼ିରେ କୌଣସି ନମ୍ବର ନ ଥିଲା। ବିନା ନମ୍ବର ପ୍ଲେଟ୍ ଗାଡ଼ିରେ ବେଆଇନ ମୋରମ ଚାଲାଣ କରୁଥିଲେ। ଏହା ମୋର ବ୍ୟକ୍ତିଗତ ଜମି ଓ ଏଠାରୁ ମୋରମ ଖୋଳିବାକୁ ଜିଲ୍ଲାପାଳ ଓ ଖଣି ବିଭାଗ ଯାଜପୁର ପକ୍ଷରୁ ତାଙ୍କୁ ଅନୁମତି ମିଳିଥିବା ସଫେଇ ଦେଉଛନ୍ତି। ସ୍ଥାନୀୟ ଅଞ୍ଚଳର ଲୋକେ ଏହା ଜାଣିପାରି ଏହାକୁ ତୀବ୍ର ବିରୋଧ କରି ଏହି ମହରମ୍ ଚାଲାଣକୁ ବନ୍ଦ କରିଛନ୍ତି। ଏ ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବେ ବୋଲି ଜଣାଯାଇଛି।

## ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ବଡ଼ଚଣା, ୨୩।୨(ସମିସ): ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟରେ +ଦୁଇ ପ୍ରଥମ ବର୍ଷର ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ କିଶୋର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷିକା ଅଲିଭା ସେଠୀ ଓ ଗୀତାଞ୍ଜଳି ନାୟକ ଯୋଗଦେଇ ଛାତ୍ରୀଙ୍କୁ ନିଜର ଆତ୍ମରକ୍ଷା ନିମନ୍ତେ ପ୍ରଶିକ୍ଷଣ ଦେଇଥିଲେ। ଉଦଯାପନୀ ଉତ୍ସବରେ ଅଧ୍ୟକ୍ଷ ପବିତ୍ର ମୋହନ ମାହାଲା ସଭାପତିତ୍ୱ କରିବା ସହିତ ଶିବିରରେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ସମାଜଶାସ୍ତ୍ର ବିଭାଗ ମୁଖ୍ୟ ପ୍ରାଧ୍ୟାପକ ପ୍ରମୋଦ କୁମାର ଖଣ୍ଡାଇ, ସମ୍ମାନିତ ଅତିଥି ଭାବେ ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ରଞ୍ଜିତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ସିମିଳିଆରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ

ଯାଜପୁର, ୨୩।୨(ସମିସ): ଯାଜପୁର ବ୍ଲକ ସିମିଳିଆ ପଞ୍ଚାୟତର ସର୍ବମଙ୍ଗଳା ହାଇସ୍କୁଲ ପଡ଼ିଆରେ ଆମ ଓଡ଼ିଶା ନବୀନ ଓଡ଼ିଶାର ସଚେତନତା କାର୍ଯ୍ୟକ୍ରମକୁ



ଯାଜପୁର ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ଯୋଗ ଦେଇ ଓଡ଼ିଶା ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତିର ମହିଳା ସମେତ ଯାଜପୁର ବ୍ଲକର ୨୭ଟି ପଞ୍ଚାୟତର ଜନପ୍ରତିନିଧିଙ୍କ ସହିତ ବିଜୁ ଜନତା ଦଳର ଆଗଧାଡ଼ିର କର୍ମୀମାନେ ଯୋଗଦାନ କରିଥିଲେ। ପଞ୍ଚାୟତର ସରପଞ୍ଚ ଗୋଲାପ ମଲ୍ଲିକ ନବୀନ ସରକାରଙ୍କ ସମୟରେ ସିମିଳିଆ ପଞ୍ଚାୟତର କିଭଳି ସର୍ବାଙ୍ଗୀନ ଉନ୍ନତି ହୋଇଛି ଓ ଜନସାଧାରଣ କିଭଳି ଉପକୃତ ହୋଇଛନ୍ତି ତାହା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

ସିମିଳିଆ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପାଇଁ ୯ଟି ପ୍ରକଳ୍ପ ପାଇଁ ୫୦ ଲକ୍ଷ ଟଙ୍କା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୨୫୨୨ ପରିବାରକୁ ଅନ୍ତର୍ଭୁକ୍ତ କରାଯାଇ ୧୪୧ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୪ଟି ପ୍ରକଳ୍ପ ପାଇଁ ୧୬ ଲକ୍ଷ ଟଙ୍କାର ଅନୁଦାନ ଆସିଛି। କାଳିଆ ଯୋଜନାରେ ୧୭୧୨ ପରିବାରକୁ ଅନ୍ତର୍ଭୁକ୍ତ କରାଯାଇଛି, ସାମାଜିକ ସୁରକ୍ଷା ଭତ୍ତା ଯୋଜନାରେ ୧୩୦୪ ହିତାଧିକାରୀଙ୍କ ଭତ୍ତା ଯୋଗାଇ ଦିଆଯାଉଛି, ମିଶନଶକ୍ତି ଯୋଜନାରେ ୧୬୪ ମିଶନ ଶକ୍ତି ଗୋଷ୍ଠୀକୁ ବିନା ସୁଧରେ ଋଣ ଯୋଗାଇ ଦିଆଯାଇଛି, ୨୫୨୨ ପରିବାରକୁ ରେସନ୍ କାର୍ଡ଼, ମମତା ଯୋଜନାରେ ୧୯୮ ଗର୍ଭବତୀ ମହିଳାଙ୍କୁ ମମତା ସହାୟତା ଯୋଗାଇ ଦିଆଯିବା ସହିତ 'ଆମ ବ୍ୟାଙ୍କ'ରେ ପଞ୍ଚାୟତରେ ଆମ ବ୍ୟାଙ୍କ ଦ୍ୱାରା ଆର୍ଥିକ ଅନ୍ତର୍ଭୁକ୍ତିକରଣ କରାଯିବା ସହିତ ଅନ୍ୟାନ୍ୟ ସରକାରଙ୍କ ଯୋଜନାରେ ସାଧାରଣବର୍ଗଙ୍କୁ ଯୋଡ଼ାଯାଇ ସେମାନଙ୍କ ଆର୍ଥିକ ପ୍ରଗତି ସହାୟତା କରାଯାଇଛି ବୋଲି ସରପଞ୍ଚ ବକ୍ତବ୍ୟ ରଖିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ପଞ୍ଚାୟତରେ ଅବସରପ୍ରାପ୍ତ ଶିକ୍ଷକ, ଅଙ୍ଗନବାଡ଼ି କର୍ମୀ, ମିଶନ ଶକ୍ତିର କର୍ମୀ, ଏମ୍‌ବିକେ କର୍ମୀ, କବି, ସମାଜସେବୀ, ସାମ୍ବାଦିକଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ବିଜେଡି ଜିଲ୍ଲା ଉପସଭାପତି ପ୍ରକାଶ ତ୍ରିପାଠୀ, ଉପସଭାପତି ଗଣେଶ ମହାକୁଡ଼, ପରେଶ ବିଶ୍ୱାଳ, ଅଜୟ କୁମାର ମହାନ୍ତି, ବିଚିତ୍ରପୁର ସରପଞ୍ଚ ଦେବାଶିଷ ପଣ୍ଡା, ଚଇନପୁର ସରପଞ୍ଚ ବୈଷ୍ଣବ ରାଉତ, ଜାହାନପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଧାଂଶୁଭୂଷଣ ଆଚାର୍ଯ୍ୟ, ଜମଧର ସରପଞ୍ଚ ବାଦଲ ଖୁଣ୍ଟିଆ, ମହେଶ୍ୱରପୁର ସରପଞ୍ଚ ସୁଜିତ ରାୟ, ସାହାସପୁର ସରପଞ୍ଚ କଳ୍ପନା ଭୂୟାଁ, ଛତିଶଦେବିଲ ସରପଞ୍ଚ ବେବିନା ଜେନା, ସିମିଳିଆ ସମିତି ସଭ୍ୟ ରାଜକିଶୋର ଜେନା, ପୂର୍ବତନ ସମିତିସଭ୍ୟ ସରୋଜ କୁମାର ରାଉତ, ବିଜେଡି ମିଡ଼ିଆ ସେଲର ବାବୁ ରାଉତ, ବରିଷ୍ଠ ବିଜେଡି ନେତା ଅମରେନ୍ଦ୍ର ମିଶ୍ର, ନାଥସାହି ସରପଞ୍ଚ କୌଶଲ୍ୟା ପହିଙ୍କ ସମେତ ବହୁ ବିଜେଡି ଯୁବନେତା ଏହି ସଚେତନତା ଶିବିରରେ ଉପସ୍ଥିତ ଥିଲେ।

● ମାଟ୍ରିକ୍ ପରୀକ୍ଷାର ୨ୟ ଦିବସ

## ଇଂରାଜୀ ବିଷୟରେ ପରୀକ୍ଷା ଦେଲେ ୨୫୨୫, ଅନୁପସ୍ଥିତ ୭୨

ଦଶରଥପୁର, ୨୩।୨ (ସମିସ): ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାର ଦ୍ୱିତୀୟ ଦିବସରେ ଇଂରାଜୀ ବିଷୟ ପାଇଁ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଦଶରଥପୁର ବ୍ଲକର ୧୫ଟି ପରୀକ୍ଷା କେନ୍ଦ୍ରରେ ସର୍ବମୋଟ ୨୫୯୭ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୫୨୫ ଜଣ ଛାତ୍ରଛାତ୍ରୀ ଇଂରାଜୀ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ନୋଡ଼ାଲ ପରୀକ୍ଷା କେନ୍ଦ୍ର ମହତାବ ହାଇସ୍କୁଲରେ ୨୫୭, ବାଉତରା ହାଇସ୍କୁଲରେ ୧୭୪, ଈଶ୍ୱରପୁର ହାଇସ୍କୁଲରେ ୧୩୫, ମଧୁପୁର ହାଇସ୍କୁଲରେ ୨୦୩, କଣ୍ଟାବଣିଆ ହାଇସ୍କୁଲରେ ୧୪୦, କାଟିଆ ହାଇସ୍କୁଲରେ ୧୮୧, ରାମବାଗ ହାଇସ୍କୁଲରେ ୧୧୨, ଦଶରଥପୁର ହାଇସ୍କୁଲରେ ୨୨୪, ଯଯାତି କେଶରୀ ହାଇସ୍କୁଲରେ ୧୫୨, ଉତ୍କଳ ଗୌରବ ହାଇସ୍କୁଲରେ ୧୭୧, ଜୟନ୍ତରା ହାଇସ୍କୁଲରେ ୧୧୨, ନାରାଗାଁ ହାଇସ୍କୁଲରେ ୨୧୯, କଟିକଟା ହାଇସ୍କୁଲରେ ୧୫୧, ରାହାସୋଇ ହାଇସ୍କୁଲରେ ୧୪୭, ଅହିୟାସ ହାଇସ୍କୁଲରେ ୧୪୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ମଧୁପୁର ହାଇସ୍କୁଲ ପରୀକ୍ଷା କେନ୍ଦ୍ରକୁ ବାଦ୍‌ଦେଲେ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ମୋଟ ୭୨ ଜଣ ପରୀକ୍ଷାର୍ଥୀ ଇଂରାଜୀ ବିଷୟ ପରୀକ୍ଷାରେ ଅନୁପସ୍ଥିତ ଥିବା ବ୍ଲକ ନୋଡ଼ାଲ ଅଧିକାରୀ ରଜନୀକାନ୍ତ ବେହେରା ସୂଚନା ଦେଇଛନ୍ତି।

## ଖରସ୍ରୋତା କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର



ବିଂଝାରପୁର, ୨୩।୨(ସମିସ): ଖରସ୍ରୋତା ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବିଂଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ରଞ୍ଜିତା କୁମାରୀ ଦାସ ଓ ଖରସ୍ରୋତା ମହାବିଦ୍ୟାଳୟ ଅଧ୍ୟକ୍ଷ ଶରତ ଚନ୍ଦ୍ର ପତି ଯୋଗ ଦେଇଥିଲେ। ଆତ୍ମସୁରକ୍ଷା ପ୍ରଶିକ୍ଷଣର ସଂଯୋଜିକା ଭାବେ ପୁଷ୍ପଲତା ଯେନା, ଅର୍ପିତା ସ୍ୱାଇଁ, ପ୍ରୀତିରେଖା ଭୂୟାଁ ଓ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ରହି ଛାତ୍ରୀଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣର କୌଶଳକୁ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ।

## 'ପଦ ଓ ପାଦର ବିପତ୍ତିକୁ ଏଡ଼ାଇପାରିଲେ ମଣିଷ ଶ୍ରେଷ୍ଠତ୍ୱ ଲାଭ କରିପାରିବ'

ପ୍ରୀତିପୁର, ୨୩।୨ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ନରୁଆସ୍ଥ ଶ୍ରୀଚୈତନ୍ୟ ସେବା ସଂସଦ ଭକ୍ତି ନିକେତନ ମଠ ପରିସରରେ ମାଘ ଶୁକ୍ଳ ତ୍ରୟୋଦଶୀ ତିଥିରେ ପ୍ରଭୁ ଶ୍ରୀନିତ୍ୟାନନ୍ଦଙ୍କ ଆବିର୍ଭାବ ତିଥି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଶ୍ରୀଚୈତନ୍ୟ ସେବା ସଂସଦ ସଭାପତି ତଥା ଭକ୍ତି ନିକେତନ ନରୁଆ ମଠ ସେବା ଅଧ୍ୟକ୍ଷ ପ୍ରଭୁପାଦ ଶ୍ରୀମଦ ଭକ୍ତିଭୂଷଣ ଗୋସ୍ୱାମୀ ମହାରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମହୋତ୍ସବରେ ମୁଖ୍ୟଅତିଥି ଭାବେ ଦିବ୍ୟଜୀବନ ସେବା ସଂଘର ଓଡ଼ିଶା ପ୍ରମୁଖ ସ୍ୱାମୀ ଶ୍ରୀଶିବଚିଦାନନ୍ଦ ସରସ୍ୱତୀ ଯୋଗଦେଇ ଆମ୍ଭର ଆଚରଣ ଓ ଉଚାରଣର ସିଦ୍ଧତା ଉପରେ ଗୁରୁତ୍ୱ ଦେଇ ସ୍ୱାମୀଜୀ କହିଥିଲେ, ପ୍ରଭୁଙ୍କ ସାନିଧ୍ୟପ୍ରାପ୍ତି ନିମନ୍ତେ ବ୍ୟକ୍ତି ନିଜର ଅହଂକାରକୁ ତ୍ୟାଗ କରିବା ଜରୁରି ଅଟେ। ବ୍ୟକ୍ତି ନିଜର ପଦ ଓ ପାଦର ବିପତ୍ତିକୁ ଏଡାଇ ପାରିଲେ ଭଗବତ ସତ୍ତାକୁ ଉପଲବ୍ଧି କରିପାରିବ ବୋଲି ପ୍ରଭୂପାଦ ଭକ୍ତିଭୂଷଣ ନିତ୍ୟାନନ୍ଦ ମହାପ୍ରଭୁଙ୍କ ଜୀବନଚର୍ଯ୍ୟାରେ ପ୍ରକାଶ କରିଥିଲେ। ବ୍ରହ୍ମଚାରୀ, ଗୃହସ୍ଥ, ବାନପ୍ରସ୍ଥ ସନ୍ୟାସ ଆଦି ବ୍ୟକ୍ତି ଜୀବନର ଚାରି ସୋପାନ ଉପରେ ପ୍ରଭୂପାଦ ଭକ୍ତିଭୂଷଣ ବିଷଦ ଭାବେ ଆଲୋଚନା କରିଥିଲେ।

ସମ୍ମାନିତ ଅତିଥି ଭାବେ ଶ୍ରୀକ୍ଷେତ୍ର ପୁରୀର ଶ୍ରୀଶ୍ରୀ




ନିତ୍ୟାନନ୍ଦ ପ୍ରଭୁଙ୍କ ବଂଶଜ ଗୋସ୍ୱାମୀ ଦେବାଶିଷ ପ୍ରହରାଜ, ଦିବ୍ୟ ଜୀବନ ସଂଘ ଗଞ୍ଜାମର ବିଷ୍ଣୁ ଚରଣ ପାତ୍ର, ବୈଷ୍ଣବ ଶ୍ରୀନିବାସ ଦାସମହାରାଜ ଓ ମୁରାରୀ ଚୈତନ୍ୟ ଦାସମହାରାଜ ପ୍ରମୁଖ ଉପସ୍ଥିତ ରହି ଶ୍ରୀଶ୍ରୀ ନିତ୍ୟାନନ୍ଦ ପ୍ରଭୂଙ୍କ ଜୀବନ ଦର୍ଶନ ଓ ଭଗବତପ୍ରାପ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ଏକଦିବସୀୟ ଏହି କାର୍ଯ୍ୟକ୍ରମରେ ପ୍ରତ୍ୟୁଷରୁ ମଙ୍ଗଳ ଆଳତୀ, ଅଭିଷେକ, ବୈଷ୍ଣବ ସମ୍ବର୍ଦ୍ଧନା, ଶିଷ୍ୟ ସେବକଙ୍କ ଦ୍ୱାରା ନାମ, ରୂପ, ଗୁଣ, ଲୀଳା ଆଦିର କୀର୍ତ୍ତନ କରାଯାଇଥିଲା। ମଧ୍ୟାହ୍ନରେ ସାଧୁସନ୍ଥ, ବୈଷ୍ଣବ ସମ୍ମିଳନୀ ହେବା ସହ ଏ ସମ୍ପର୍କିତ ଅର୍ଥ ଗୋସ୍ୱାମୀ ପ୍ରଭୂପାଦ ଭକ୍ତିଭୂଷଣ ମହାରାଜ ବାଖ୍ୟା କରିଥିଲେ। ଭକ୍ତି ନିକେତନର ମୁଖପତ୍ର ଆଧାତ୍ମିକ ପତ୍ରିକା 'ଭକ୍ତିପ୍ରଭା'କୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ଶ୍ରୀମତୀ ପୁଷ୍ପଶ୍ରୀ ଶତପଥୀଙ୍କ ରଚିତ ପ୍ରଭୂପାଦ ଭକ୍ତିଭୂଷଣଙ୍କ ମୁଖନିସୃତ ବାଣୀ 'ଭକ୍ତି ଭାଗବତ ଦର୍ଶନ' ଉନ୍ମୋଚିତ ହୋଇଥିଲା। ଚଳିତ ବର୍ଷ ଶ୍ରୀପ୍ରଭୂପାଦ ଭକ୍ତିଭୂଷଣ ଗୋସ୍ୱାମୀ ସେବା ସମ୍ମାନରେ ଅଧିକାରୀ ନବକିଶୋର ଦାସ, ଗୌରାଙ୍ଗ ଚରଣ ନାୟକ, ଖରସ୍ରୋତା ମହାବିଦ୍ୟାଳୟର ସେବାନିବୃତ୍ତ ଅଧ୍ୟକ୍ଷ ପ୍ରଧ୍ୟାପକ ଘନଶ୍ୟାମ ଜେନା ଓ ବିଶିଷ୍ଟ ସମାଜସେବୀ ଆନନ୍ଦ ଚନ୍ଦ୍ର ସାମଲଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ସାଧୁସନ୍ଥ ବୈଷ୍ଣବ ଯୋଗଦେଇଥିଲେ। ଶେଷରେ ଭକ୍ତିରତ୍ନ ଅଭୟ ଗୋସ୍ୱାମୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପୈଠ ହେଉଛି ଲକ୍ଷ ଲକ୍ଷ ଟଙ୍କା ବିଦ୍ୟୁତ ଦେୟ

# ପାଣି ଟାଙ୍କି ନିର୍ମାଣରେ ସୀମିତ ପ୍ରକଳ୍ପ

ମଞ୍ଜୁରୀ ରୋଡ଼, ୨୩।୨(ସମିସ)



ପାନୀୟ ଜଳ ଯୋଗାଣ ପାଇଁ ପଞ୍ଚାୟତରୁ ଲକ୍ଷ ଲକ୍ଷ ଟଙ୍କା ବାର୍ଷିକ ବିଦ୍ୟୁତ ବିଲ ପୈଠ ହେଉଛି। ମେଗା ପାନୀୟ ଜଳ ପ୍ରକଳ୍ପ, ବୃହତ୍ତ ପାଣି ଟାଙ୍କି ନିର୍ମାଣ, ପାଇପ ବିଛା ଓ ଟ୍ୟାପ ନିର୍ମାଣ ହୋଇଥିଲେ ସୁଦ୍ଧା ବର୍ଷ ବର୍ଷ ଧରି ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏମିତି ପାନୀୟ ଜଳର ଉତ୍କଟ ସମସ୍ୟା ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ବ୍ଲକର ୨୩ଗୋଟି ପଞ୍ଚାୟତ ଅଞ୍ଚଳରେ। ସୂଚନା ଅନୁଯାୟୀ ବ୍ଲକ ବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସରକାର ୨୦୧୬ମସିହାରେ ଆଖୁଆପଦା ବୈତରଣୀ ନଦୀରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରିଥିଲେ। ନଦୀକୂଳରେ ଜଳ ପ୍ରକଳ୍ପ ଗୃହ ନିର୍ମାଣ ସହିତ କେତେକ ଅଞ୍ଚଳକୁ ପାଇପ ବିଛା ସରିଥିଲେ ସୁଦ୍ଧା ଲୋକ ମାନେ କିନ୍ତୁ ଏଯାଏଁ ଶୁଦ୍ଧ ପାନୀୟ ଜଳ ପାଇପାରିନାହାନ୍ତି। ଏହାଛଡା ଭଦ୍ରକ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ପ୍ରତ୍ୟକ ପଞ୍ଚାୟତରେ ଜଳ ପ୍ରକଳ୍ପ ମାନ ନିର୍ମାଣ ହୋଇଥିଲେ ସୁଦ୍ଧା ତାହା କେବଳ ଠିକାଦାର ପୋଷଣ ପାଇଁ ପ୍ରଯୁଜ୍ୟ ହୋଇଛି। ପ୍ରତ୍ୟକ ବର୍ଷ ବୃହତ୍ତ ପାଣି ଟାଙ୍କି ନିର୍ମାଣ ଓ ପାଇପ ବିଛାଇବାରେ ସତେ ଯେମିତି ପାନୀୟ ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟ ସୀମିତ ରହୁଛି। ଏପଟେ ସମସ୍ତେ ପାନୀୟ ଜଳ ପାଉଛନ୍ତି ବୋଲି ସରକାରଙ୍କ ନିକଟରେ ବିଭାଗ ବର୍ଷକୁ ବର୍ଷ ମିଥ୍ୟା ସତ୍ୟପାଠ ଦାଖଲ କରୁଛି। ଯାହା ଫଳରେ ପଞ୍ଚାୟତରୁ ବିଦ୍ୟୁତ ବିତରଣ କମ୍ପାନୀ ପ୍ରତ୍ୟକ ବର୍ଷ ଲକ୍ଷ ଲକ୍ଷ ଟଙ୍କା ବିଜୁଳି ବିଲ ଆଦାୟ କରୁଛି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟ ଦକ୍ଷତା ଅଭାବରୁ ବ୍ଲକର ଦେଢ଼ ଲକ୍ଷ ଲୋକ ଏଯାଏଁ ପାନୀୟ ଜଳ ପାଇ ପାରିନାହାନ୍ତି। ଏନେଇ ପଞ୍ଚାୟତ ସମିତି ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ବାରମ୍ବାର ଆପତ୍ତି ଅଭିଯୋଗ ହୋଇଥିଲେ ସୁଦ୍ଧା ଅବସ୍ଥା ଯଥା ପୂର୍ବ ତଥା ପରଂ ଭଳି ରହିଛି। ଏବେବି ହଜାର ହଜାର ପରିବାର ପାଇପ ଜଳରୁ ବଞ୍ଚିତ ହୋଇଥିବା ବେଳେ ନଦୀଜଳ ଓ ନଳକୂପ ଉପରେ ନିର୍ଭର କରୁଛନ୍ତି। ତେଣୁ ଜିଲ୍ଲା ଗସ୍ତ ସମୟରେ '୫-ଟି' ଅଧ୍ୟକ୍ଷ ଏହା ଉପରେ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ମତ ପ୍ରକାଶ ପାଇଛି।

# ଗାତ ଖୋଳା, ଟାଙ୍କି ଗଢ଼ା ଶେଷ; ମିଳୁନି ପାଣି





**ଅସୁରାଳି, ୨୩।୨(ସମିସ):** ଧାମନଗର ବ୍ଲକର ଅଧିକାଂଶ ଅଞ୍ଚଳ ତଲୁଆ ତଥା ଲୁଣା ଅଞ୍ଚଳ। ଯେଉଁ ଅଞ୍ଚଳରେ ମଧୁର ପାନୀୟ ଜଳ ମିଳି ପାରେନା। ଫେବୃଆରୀ, ମାର୍ଚ୍ଚ ମାସରୁ ଜଳସ୍ତର ହ୍ରାସ ପାଇ ନଳ କୂପ ଗୁଡ଼ିକ ଅଚଳ ହୋଇପଡେ। ବାଧ ହୋଇ ଲୋକେ ନଦୀରେ ଚୁଆ ଖୋଳି ଜଳ ସଂଗ୍ରହ କରନ୍ତିଙ୍ଗ ଆଉ ଦୂଷିତ ଜଳ ବ୍ୟବହାର କରି ସଂକ୍ରାମକ ରୋଗର ଶିକାର ହୋଇଥାନ୍ତି। ସେଇ ତଳିଆ ଅଞ୍ଚଳର ଲୋକେ ଏବେ ଠାରୁ ଜଳ ସମସ୍ୟା ପାଇଁ ଆତଙ୍କିତ। ଜଳ ସମସ୍ୟା ଦୂର ପାଇଁ ବିଭିନ୍ନ ପଞ୍ଚାୟତରେ ଆରମ୍ଭ ହୋଇଥିଲା ବସୁଧା ଯୋଜନା। ତେବେ ସେ ସବୁ ଅଧିକାଂଶ ପଞ୍ଚାୟତରେ ଅଧପନ୍ତରିଆ ଭାବେ ପଡ଼ିରହିଛି। କେଉଁଠି ଟାଙ୍କି ନିର୍ମାଣ ହୋଇଛି ତ, ଆଉ କେଉଁଠି ପାଇପ୍ ବିଛା ଯାଇଛି। ପୁଣି ଏତେ ନିମ୍ନମାନର ଉପକରଣ ବ୍ୟବହାର ହୋଇଛି ଯେ, ତାହା କାମ ନ ସରୁଣ ଅଚଳ ହୋଇପଡୁଚି। ଟ୍ୟାପ୍ ଷ୍ଟାଣ୍ଡ ଗୁଡିକ ତିଆରି ହେବାର ପରଦିନ ଭାଙ୍ଗିଯାଉଛି। ଆଉ କେଉଁଠି ଦୀର୍ଘ ଦିନ ଧରି ପାଇପ୍ ଲାଇନ୍ ପାଇଁ ନାଳ କରାଯାଇଛି ହେଲେ ପାଇପ୍ ବିଛା ଯାଇପାରୁନି। କେତେକ ସ୍ଥାନରେ ଏହି ପ୍ରକଳ୍ପ କାମ ସରିଛି; ହେଲେ ପାଇପ୍‌ରେ ଜଳ ଯୋଗାଣ ସମ୍ଭବ ହେଉନି। ଲୋକଙ୍କ ପାଖରେ ଜଳ ପହଞ୍ଚି ପାରୁନି; କିନ୍ତୁ ସେଥିପାଇଁ ଇଲେକ୍ଟ୍ରି ବିଲ୍ ପୈଠ କରାଯାଉଛି। ଏମିତିବି ଅନେକ ସ୍ଥାନରେ ଦୁଇ ଦୁଇଟି ପ୍ରକଳ୍ପ କରାଯାଇଥିଲେ ବି ଲୋକଙ୍କୁ ଜଳଯୋଗାଣ ହୋଇପାରୁନି। ବର୍ଷା ଗଲା, ଶୀତ ଯାଇ ଗ୍ରୀଷ୍ମ ଆସିଲା କିନ୍ତୁ ବସୁଧା ଯୋଜନାରେ ସ୍ୱଚ୍ଛ ପାନୀୟ ଜଳ ମିଳିବା ସମ୍ଭବ ହୋଇପାରୁନି। ଏ ସମ୍ପର୍କରେ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକ ଓ ପଞ୍ଚାୟତ ରାଜ ବିଭାଗ ପାନୀୟ ଜଳ ଯୋଗାଣ ଅଧିକାରୀମାନଙ୍କ ଠାରୁ କୌଣସି ସନ୍ତୋଷ ଜନକ ଉତ୍ତର ମିଳୁନଥିବାରୁ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି। ଧାମନଗର ବ୍ଲକର ଅଧିକାଂଶ ଅଞ୍ଚଳର ଜନସାଧାରଣ ଫେବୃଆରୀ ମାସରୁ ଜଳ ସମସ୍ୟାର ସାମ୍ନା କରିବା ଆରମ୍ଭ କଲେଣି। ଆଗକୁ ପରିସ୍ଥିତି ଅସମ୍ଭାଳ ହେବାର ସମ୍ଭାବନା ରହିଛି। ତେଣୁ ଲୋକମାନଙ୍କର ଜଳ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି।

## ଚାନ୍ଦବାଲି ବିକାଶ ପରିଷଦ ପକ୍ଷରୁ ଅଗ୍ନି ବିପନ୍ନଙ୍କୁ ସହାୟତା



**ଚାନ୍ଦବାଲି, ୨୩।୨(ସମିସ):** ଚାନ୍ଦବାଲି ବ୍ଲକ ଉତୁକୁଡାରେ ଗାଁର ରବୀନ୍ଦ୍ର ରାଉତ ଓ ଅଭିମନ୍ୟୁ ରାଉତଙ୍କର ୩ ବଖରା ଘର ଗତ ୨୦ ତାରିଖ ବିଳମ୍ବିତ ରାତ୍ରିରେ ପୋଡ଼ି ପାଉଁଶ ହୋଇଯାଇଥିଲା। ଏହି ଅଗ୍ନିକାଣ୍ଡରେ ରବୀନ୍ଦ୍ର ରାଉତଙ୍କର ଝିଅ ବିବାହ ପାଇଁ ଆଣିଥିବା ଲଗ୍ନ ସାମଗ୍ରୀ ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଓ ନଗଦ ଟଙ୍କା ମଧ୍ୟ ପୋଡି ପାଉଁଶ ହୋଇ ଯାଇଥିଲା। ଏଥିନେଇ ଆଜି ଚାନ୍ଦବାଲିରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଚାନ୍ଦବାଲି ବିକାଶ ପରିଷଦ, ଭୁବନେଶ୍ୱରର କାର୍ଯ୍ୟକର୍ତା ମାନେ ପହଞ୍ଚି ଅଗ୍ନି ବିପନ୍ନ ମାନଙ୍କୁ ୨୫ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଚାନ୍ଦବାଲି ବିକାଶ ପରିଷଦର ସଭାପତି ନିରୋଦ କୁମାର ରାଉତ, ସମ୍ପାଦକ ମହେଶ୍ୱର ବଳ, କାର୍ଯ୍ୟକର୍ତ୍ତା ସୁରେନ୍ଦ୍ର କୁମାର ସୂତାର, ନରେନ୍ଦ୍ର କୁମାର ବିଶ୍ୱାଳ, ସୁଶାନ୍ତ ପୁହାଣ, ସୁବାସ ଚନ୍ଦ୍ର ବଳ, ଡ.ଦିଲ୍ଲୀପ ମହାନ୍ତି, ଖଗେଶ୍ୱର ବଳ, ନକୁଳ ଚନ୍ଦ୍ର ମଲ୍ଲିକ, ଦେବେନ୍ଦ୍ର କୁମାର ବିଶ୍ୱାଳ, ଉମାକାନ୍ତ ମହାପାତ୍ର, ରମାକାନ୍ତ ପରିଡ଼ା, ମନୋଜ ବେହେରା, ଜ୍ଞାନ ରଞ୍ଜନ କର, ପ୍ରହଲ୍ଲାଦ ସାହୁ ବୁଲୁ ନାୟକ ପ୍ରମୁଖ ଯୋଗଦେଇ ସହାୟତା ପ୍ରଦାନ କରିଥିଲେ।

## ଭଗବାନପୁରରେ ଡାକମେଳା

**ଧାମନଗର, ୨୩।୨(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତ ଠାରେ ଭଦ୍ରକ ଡାକ ମଣ୍ଡଳ ଓ ସୌଜନ୍ୟରେ ପଳିକିରୀ ଶାଖା ଡାକ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଏକ ଡାକ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜୀବ ସେବାକେନ୍ଦ୍ର ପରିସରରେ ଆୟୋଜିତ ମେଳାରେ ଭଦ୍ରକ ଡାକ ଅଧିକ୍ଷକ ବିଜୟ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏଥିରେ ଭଦ୍ରକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡାକମେଳା ଓ ଆପଣଙ୍କ ସେବା ଆମର କର୍ତ୍ତବ୍ୟ ଏବଂ ବିଭିନ୍ନ ଡାକ ସେବା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଡାକ ଅଧିକ୍ଷକ ଶ୍ରୀ ମହାନ୍ତି ସରଳ ଭାଷାରେ ଭାରତୀୟ ଡାକର ଆର୍ଥିକ ଅନ୍ତର୍ଭୁକ୍ତିକରଣ ସେବା ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ସୂଚନା ପ୍ରଦାନ କରିଥିଲେ। ଭଗବାନପୁର ପଞ୍ଚାୟତ ନାଏବ ସରପଞ୍ଚ ଗୌରାଙ୍ଗ ଦାଶ ମୁଖ୍ୟବକ୍ତା ଓ ଡାକ ନିରୀକ୍ଷକ ମନ୍ଦିର ବେହେରା ଏବଂ ସାମ୍ବାଦିକ ସୁଧାକର ଦାଶ, ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଡାକ ବିଭାଗର ବିଭିନ୍ନ ବୀମା ଓ ସଞ୍ଚୟ ଯୋଜନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପଳିକିରୀ ବିପିଏମ ଗଙ୍ଗାଧର ସାହୁ ଓ ସହକାରୀ ବିପିଏମ ମଦନ ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଡାକମେଳାରେ ଗ୍ରାହକ ଏବଂ ଭଗବାନପୁର ପଞ୍ଚାୟତର ବହୁ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ଡାକ ଜୀବନ ବୀମା ଉନ୍ନୟନ ଅଧିକାରୀ କଳାକାର ଶତପଥୀ କାର୍ଯ୍ୟକ୍ରମ ସଞ୍ଚାଳନ ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



● ଝଟିଆସାହି- ମଙ୍ଗଳପୁର ରାସ୍ତା ନିର୍ମାଣ

## ୫ କୋଟି ଟଙ୍କାର କାମ ୫ମାସ ଗଲାନି

**ଅସୁରାଳି, ୨୩।୨(ସମିସ):** ଧାମନଗର ବ୍ଲକ ଝଟିଆସାହି ଠାରୁ ମଙ୍ଗଳପୁର ପର୍ଯ୍ୟନ୍ତ ରାସ୍ତାଟି ବ୍ଲକର ଏକ ବ୍ୟସ୍ତବହୁଳ ଗୁରୁତ୍ୱପୂର୍ଣ୍ଣ ରାସ୍ତା। ଦୀର୍ଘ ଦିନ ଧରି ରାସ୍ତା ଅତି ବିପଦସଂକୁଳ ଅବସ୍ଥାରେ ଥିଲା। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନିକ ଦୃଷ୍ଟି ପଡ଼ିଲା। ୭.୧୦କିମି. ରାସ୍ତାର ନିର୍ମାଣ କାର୍ଯ୍ୟ ସମାପନ ହୋଇଛି। କୋଟି କୋଟି ଟଙ୍କା ଅନୁଦାନ ବ୍ୟୟରେ ନିର୍ମାଣ ହେଉଥିବା ଏହି ରାସ୍ତା କାର୍ଯ୍ୟର ତଦାରଖ କରିବାକୁ କେହି ନ ଥିବା ଭଳି ମନେ ହେଉଛି। ଏ ସମ୍ପର୍କରେ ପ୍ରଶାସନିକସ୍ତରରେ ଅଭିଯୋଗ ହୋଇଥିଲେ ବି ବିଭାଗୀୟ ଅଧିକାରୀଙ୍କ ନିରବତା ସନ୍ଦେହକୁ ଦୃଢ଼ୀଭୂତ କରୁଛି। ଅତି ମନ୍ଥର ଗତିରେ ରାସ୍ତାର ନିର୍ମାଣ କରାଯାଇଛି। ୫କୋଟିରୁ ଅଧିକ ଟଙ୍କା ଅନୁଦାନ ଏହି ରାସ୍ତା ପାଇଁ ଯୋଗାଇ ଦିଆ ଯାଇଥିବାବେଳେ ବିଳମ୍ବିତ କାର୍ଯ୍ୟ ସମାପନ ପାଇଁ ଲୋକେ ହନ୍ତସନ୍ତ ହୋଇଛନ୍ତି। ନିମ୍ନମାନର ଚିପ୍ସ, ମେଟାଲ ଓ ପରିମାଣରେ ସମ୍ପୂର୍ଣ୍ଣ ତଞ୍ଚକତା ହୋଇଛି। ରାସ୍ତାର ନିର୍ମାଣ ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି। ରାସ୍ତା କାମ ସରୁ ସରୁ ରାସ୍ତାର ଅବସ୍ଥା ନକହିବା ଭଲ।



୫କୋଟି ଟଙ୍କାର ଅନୁଦାନ ରାଶିର ନିର୍ମାଣ ହୋଇଥିବା ରାସ୍ତାଟି ୫ ମାସ ମଧ୍ୟ ଗଲା ନାହିଁ। ତେଣୁ ଖୁବ ଶୀଘ୍ର ଭିଜିଲାନ୍ସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣ ଦାବି କରିଛନ୍ତି।

## ଚରମ୍ପା ମହାବିଦ୍ୟାଳୟ ଛାତ୍ରସଂସଦ ବାର୍ଷିକ ଉତ୍ସବ




**ଭଦ୍ରକ, ୨୩।୨(ସମିସ):** ଭଦ୍ରକ ଚରମ୍ପା ମହାବିଦ୍ୟାଳୟପରିସରରେଆଜି ୪୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଭଦ୍ରକ ସାଂସଦ, ମଞ୍ଜୁଲତା ମଣ୍ଡଳ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଭଦ୍ରକ ପଞ୍ଚାୟତ ସମିତି ଅଧ୍ୟକ୍ଷା ଉର୍ମିଳା ନାୟକ, ମହାବିଦ୍ୟାଳୟ ପରିଚାଳନା ସମିତିର ଅଧ୍ୟକ୍ଷ ପଦ୍ମନ କୁମାର ରାୟ, ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ହୋଇଥିଲେ। ମୁଖ୍ୟବକ୍ତା ରୋଟାରିୟାନ ଶିଶିର କୁମାର ମିଶ୍ର ମଞ୍ଚାସୀନ ରହିଥିଲେ ରାହାଞ୍ଚ ଗ୍ରାମ ପଞ୍ଚାୟତର ସରପଞ୍ଚ ରାଜେନ୍ଦ୍ର କୁମାର ଦାସ, ପରିଚାଳନା ସମିତିର ସଭ୍ୟ ଏଇ ଉତ୍ସବରେ ଯୋଗଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପିତାମ୍ବର ନାୟକ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ, ଛାତ୍ର ସଂସଦ ସହଉପଦେଷ୍ଟା ଡ. ସୁକାନ୍ତି ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରସଂସଦର ଉପଦେଷ୍ଟା ମଣ୍ଡଳୀର ପ୍ରବୀର ମହାପାତ୍ର, ମନୋଜ ମହାଳିକ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣରେ ସହଯୋଗ କରିଥିଲେ ଓ ପରିଶେଷରେ ଉପଦେଷ୍ଟା ହେମନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାଂସଦ ଓ ବିଧାୟକଙ୍କ ଦ୍ୱାରା ଅନୁଷ୍ଠାନର ନବନିର୍ମିତ ପ୍ରଶାସନିକ କାର୍ଯ୍ୟାଳୟର ଶୁଭ ଉଦଘାଟନ ହୋଇଥିଲା। ପୂର୍ବତନ ଛାତ୍ର ନେତା ତଥା ବର୍ତ୍ତମାନର ଯୁବ ବିଜେଡିର ଉପସଭାପତି ସତ୍ୟପ୍ରକାଶ ବିଶ୍ୱାଳ ଏବଂ ତପନ ମଲ୍ଲିକଙ୍କ ନେତୃତ୍ୱରେ ଏକ ବିଶାଳ ବାଇକ ଶୋଭାଯାତ୍ରାରେ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ମହାବିଦ୍ୟାଳୟର ପ୍ରାଧାପିକା ସଂଯୁକ୍ତା ବୋଷ୍, ଅଧାପକ ହେମନ୍ତ କୁମାର ନାୟକ ବିଶେଷ ସହଯୋଗ କରିବା ସହ ସମସ୍ତ ଅଧାପକ, ଅଧାପିକା, ଅଫିସ୍ କର୍ମଚାରୀ ଏଇ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ ହୋଇଥିଲା।

## ଯୁବତୀ ଠାରୁ ଝାମ୍ପିନେଲେ ସୁନା ହାର, ରୁପା ମୁଦି

**ଦୋବଲ, ୨୩।୨(ସମିସ):** ଧାମନଗର ଫଳପୁର ରାସ୍ତାର ଲୁଟେରାଙ୍କ ଆତଙ୍କରାଜ। ଦୋବଲ ଜୋନ ରାମେଶ୍ୱରପୁର ଗେଟ୍ ପାଖରେ ୨ଜଣ ଦୁର୍ବୃତ୍ତ ଆଜି ବଡି ଭୋରୁ ରାସ୍ତାରେ ସ୍କୁଟି ଚାଳକ ଯୁବତୀଙ୍କ ଠାରୁ ଝାମ୍ପିନେଲେ ସୁନା ହାର, ରୁପା ମୁଦି ସହ ସ୍କୁଟି ଭାଙ୍ଗିଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଦୋବଲ ନିକଟସ୍ଥ ପଧାନୀ ପଞ୍ଚାୟତର କଣ୍ଟଦା ଗ୍ରାମର ସୁଧୀର କୁମାର ପତିଙ୍କ ଝିଅ ସୁଭସ୍ମିତା ପତି(୨୦) ଶୁକ୍ରବାର ବଡ଼ି ଭୋରୁ ସମୟରେ ସ୍କୁଟି ସାହାଯ୍ୟରେ ବାପାଙ୍କୁ ସାଥିରେ ଧରି ଧାମନଗର ଅଭିମୁଖେ ଯାଇଥିଲେ। ବାପାଙ୍କର କଲିକତା ଯିବାର ଥିବାରୁ ଝିଅ ଧାମନଗର ଛାଡ଼ି ଏକା ଘରକୁ ଫେରୁଥିଲେ। ହଠାତ ରାମେଶ୍ୱରପୁର ଗେଟ୍ ନିକଟରେ ୨ଜଣ ଦୁର୍ବୃତ୍ତ ବାଇକ୍ ଯୋଗେ ପଛରୁ ଆସି ଶୁଭସ୍ମିତାକୁ ଧକ୍କା ଦେଇଥିଲେ। ଶୁଭସ୍ମିତା ତଳେ ପଡ଼ିଯିବାରୁ ପିନ୍ଧିଥିବା ସୁନା ଅଳଙ୍କାର ଛଡାଇ ନେଇଥିଲେ। ସେହି ସମୟରେ ସାମ୍ନାରୁ ଅନ୍ୟ ଗାଡି ଲାଇଟ୍ ପଡ଼ିବାରୁ ଦୁର୍ବୃତ୍ତ ମାନେ ଛାଡ଼ି ପଳାଇଥିଲେ। ଏହକୁ ନେଇ ବାପା ସୁଧୀର ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଧାମନଗର ପୁଲିସ ଅଭିଯୋଗ ପାଇ ତଦନ୍ତ ଆରମ୍ଭ କରିଛି। ଏହି ନିଛାଟିଆ ରାସ୍ତାରେ ପୁଲିସ ପଇଁତରା ନହେବାରୁ ଲୁଟେରାମାନେ ବିଭିନ୍ନ ସମୟରେ ଛିନ୍ତାଇ ଭଳି ଆତଙ୍କରାଜ ଘଟାଉଥିବା ଅଭିଯୋଗ ହେଉଛି।

● ଧାମନଗରରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା

## ୫ ଡାକ୍ତର ପଦ ମଧ୍ୟରୁ ୪ଟି ଖାଲି




**ଧାମନଗର, ୨୩।୨(ସମିସ):** ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟିରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଓ ବିଭାଗୀୟ ନୀରବତାକୁ ନେଇ ଅସନ୍ତୋଷ ବଢୁଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତ୍ୟେକ ଦିନ ୩୦୦ ରୁ ୪୦୦ ରୋଗୀ ଚିକତ୍ସା ପାଇଁ ଆସିଥାନ୍ତି। ଏଠାରେ ଡାକ୍ତର ଓ କର୍ମଚାରୀଙ୍କ ଅଭାବ ଯୋଗୁଁ ସଠିକ୍ ଭାବେ ସ୍ୱାସ୍ଥ୍ୟସେବା ନପାଇ ଭଦ୍ରକ ଓ କଟକ ସ୍ଥାନାନ୍ତରିତ ହେଉଛନ୍ତି। ଗୋଷ୍ଠୀର କିଛି କର୍ମଚାରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଡେପୁଟେସନ ଯାଇ କାର୍ଯ୍ୟରତ ଅଛନ୍ତି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ ବିଭାଗ ସ୍ତ୍ରୀ ଓ ପ୍ରସୂତି ବିଭାଗ, ସର୍ଜରୀ ବିଭାଗ ଓ ମେଡ଼ିସିନ ବିଭାଗରେ ସ୍ପେସାଲିଷ୍ଟ ନଥିବା ବେଳେ ୫ ଜଣ ଡାକ୍ତର ପଦ ମଧ୍ୟରୁ ୪ଟି ପଦ ଖାଲି ପଡ଼ିଛି। ଧାମନଗର ଏନ୍‌ଏସି ଅଧୀନରେ ଥିବା ସହରାଞ୍ଚଳ ଡାକ୍ତରଖାନାକୁ ଡେପୁଟେସନରେ ପଠାଯାଇଛି। ଏଠାରେ ଏତେ ଗୁଡ଼ାଏ ପଦ ଖାଲି ପଡ଼ିଥିବା ସତ୍ତ୍ୱେ ବି ଡା. ଦୀପକ ନାୟକ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ଦେବାଶିଷ ସାହୁ, ସିନିୟର ହେଲପର ସଞ୍ଜୟ ମହାନ୍ତି ଓ ମହିଳା ସ୍ୱାସ୍ଥ୍ୟ କର୍ମୀ ସଞ୍ଜୁଲତା ଷଡ଼ଙ୍ଗୀ ଆଦିଙ୍କର ବର୍ଷ ବର୍ଷ ଧରି ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାମ ଥାଇ ମଧ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ହାତବାରିଶି କରି ନିଜ ସୁବିଧା ମୁତାବକ ଡେପୁଟେସନରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ କରି ଚାଲିଛନ୍ତି। ଏହା ଧାମନଗର ବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏ ସଂକ୍ରାନ୍ତରେ ବାରମ୍ବାର ଚିଠି ମାଧ୍ୟମରେ ଜଣାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ।

# ଗୋଟିଏ ଫଳକରେ ବିଭିନ୍ନ ଯୋଜନାର ସୂଚନା

ଆଗରପଡ଼ା, ୨୩।୨(ସମିସ)






ଭଦ୍ରକ ଜିଲ୍ଲା ବନ୍ତ ପଞ୍ଚାୟତ ସମିତି ପକ୍ଷରୁ ହେଉଥିବା ଉନ୍ନୟନ କାର୍ଯ୍ୟରେ ଫଳକ ଲେଖାରେ ବ୍ୟତିକ୍ରମ ହେଉଥିବା ଅଭିଯୋଗ ହୋଇଛି। ଗୋଟିଏ ଫଳକରେ ବିଭିନ୍ନ ଯୋଜନାକୁ ଲେଖି କାମ ସାରିଦେଉଛନ୍ତି ବିଭାଗୀୟ ଅଧିକାରୀ। କାଦବରାଙ୍ଗ ପଞ୍ଚାୟତ ଅନ୍ତର୍ଗତ ତୁମ୍ବାପଦି ଗ୍ରାମରେ ବର୍ତ୍ତମାନ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ଲକ୍ଷ୍ମୀମଣ୍ଡପ ଠାରୁ ସରମରା ପ୍ରଧାନମନ୍ତ୍ରୀ ସଡ଼କ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହେଉଥିବାର ସୂଚନା ସ୍ଥାପିତ ଫଳକରେ ସ୍ଥାଣିତ ହୋଇଥିଲେ ସୁଦ୍ଧା ଏଠାରେ ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି। କିଛି ଦିନ ପୂର୍ବରୁ ଉକ୍ତ ଫଳକରେ ସେହି ଗ୍ରାମରେ ଅନ୍ୟ ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପର ସୂଚନା ଲିପିବଦ୍ଧ ହୋଇଥିଲା। କିନ୍ତୁ ବର୍ତ୍ତମାନ ଆଉ ଏକ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ନୂତନ ଫଳକ ନିର୍ମାଣ ନ କରି ପୂର୍ବ ଫଳକ ଉପରେ ରଙ୍ଗ ମାରି ତା ଉପରେ ନୂତନ ଯୋଜନା ବିଷୟରେ ଲେଖି ଦିଆଯାଇଛି। ଫଳକ ବାବଦରେ ବିଲ ହେଉଥିବା ବେଳେ ନୂତନ ଫଳକ ନ କରି ପୁରୁଣା ଫଳକରେ ସୂଚନା ଲେଖି କାମ ସାରିଦେଉଚନ୍ତି। ତୁମ୍ବାପଦୀ ବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟ ହୋଇଥିବାର ସୂଚନା ନିର୍ମିତ ସୂଚନା ଫଳକରେ ଥିଲେ ସୁଦ୍ଧା କାର୍ଯ୍ୟ ସମାପ୍ତର ବହୁଦିନ ପରେ ମଧ ଫଳକରେ କାର୍ଯ୍ୟାରମ୍ଭ ଓ କାର୍ଯ୍ୟ ଶେଷର କୌଣସି ସୂଚନା ଲେଖା ଯାଇନଥିବା ଜଣାପଡ଼ିଛି। ଓଡ଼ଙ୍ଗ ପଞ୍ଚାୟତ ଅନ୍ତର୍ଗତ ତୋଟାସାହି ଠାରେ ଥିବା ତୋଟାସାହି ଖେଳପଡ଼ିଆର ଉନ୍ନତି କରଣ ନିମନ୍ତେ ଗତ ୨୦୨୦-୨୧ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୨ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ କାର୍ଯ୍ୟାରମ୍ଭ ହୋଇଥିଲା। ଉକ୍ତ ଯୋଜନାକୁ ଇତି ମଧ୍ୟରେ ୩ବର୍ଷ ବିତି ଯାଇଥିଲେ ସୁଦ୍ଧା ଏହାର ଉନ୍ନତି କରଣ ସ୍ଥିତିତ୍ୱ ହରାଇଥିବା ଫଳକରେ ସୀମିତ ହୋଇ ରହିଯାଇଥିବା ଜଣାପଡ଼ିଥିଲା। ବର୍ତ୍ତମାନ ଉକ୍ତ ଖେଳ ପଡ଼ିଆ କେବଳ ଅନାବନା ଗଛ ଓ ଗୁଳ୍ମ ଘେରରେ ନିଜର ଉନ୍ନତିକରଣର ସୂଚନା ଦେଉଛି। ସେହିପରି ତୋଟାସାହି ଠାରେ ତୋଟାସାହି ପଞ୍ଚାୟତ ପୋଖରୀର ପୁନଃଉଦ୍ଧାର ନିମନ୍ତେ ଗତ ୨୦୨୨-୨୩ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୩ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ବର୍ଷ ୨୦୨୩ ମାର୍ଚ୍ଚ ମାସ ୩ ତାରିଖରେ କାର୍ଯ୍ୟାରମ୍ଭ ହୋଇଥିବାର ସୂଚନା ଲିପିବଦ୍ଧ ହୋଇଥିବା ବେଳେ କାର୍ଯ୍ୟ ଶେଷର କୌଣସି ସୂଚନା ନଥିବା ସ୍ଥାପିତ ଫଳକରୁ ଜଣାପଡ଼ିଛି। ଏବଂ ଉକ୍ତ ଫଳକ ବର୍ତ୍ତମାନ ଗୁଳ୍ମ ଘେରରେ ରହିଯାଇଛି। ସେହିପରି କାଦବରାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନିର୍ମିତ ବିଭିନ୍ନ ପ୍ରକଳ୍ପର ସୂଚନା ଗୋଟିଏ ଫଳକରେ ଲେଖାଯାଇଥିବା ଜଣାପଡ଼ିଛି। ଅପରପକ୍ଷରେ ଉକ୍ତ ପଞ୍ଚାୟତ ଓ ବଡ଼ବର୍ଚ୍ଛିକୟାଁ ପଞ୍ଚାୟତରେ ପ୍ରକଳ୍ପ ନିର୍ମାଣ ସ୍ଥାନରେ ଫଳକ ଅଛି; କିନ୍ତୁ ଉକ୍ତ ଫଳକରେ ସୂଚନା ଲେଖାଯାଇନଥିବା ଦେଖିବାକୁ ମିଳିଛି। ଖାଲି ଓଡ଼ଙ୍ଗ, କାଦବରାଙ୍ଗ କିମ୍ବା ବଡ଼ବର୍ଚ୍ଛିକୟାଁ ପଞ୍ଚାୟତ ନୁହେଁ ବ୍ଲକର ଅନ୍ୟ ପଞ୍ଚାୟତରେ ମଧ ଏହିପରି ଦୃଶ୍ୟ ଦେଖିବାକୁ ମିଳୁଛି। ଗୋଟିଏ ଫଳକରେ ବିଭିନ୍ନ ଯୋଜନାର ସୂଚନାକୁ ବାରମ୍ବାର ଲେଖି ତା ବାବଦରେ ସରକାରୀ ଅର୍ଥ ମଧ ହଡ଼ପ ହେଉଛି। ତେଣୁ ସୂଚନା ଫଳକକୁ ପ୍ରହସନରେ ପରିଣତ ନ କରି ସେଥିରେ କାର୍ଯ୍ୟର ସ୍ୱଚ୍ଛତାକୁ ନେଇ ସର୍ବସାଧାରଣଙ୍କ ନିମନ୍ତେ ସବିଶେଷ ସୂଚନା ପ୍ରଦାନ କରିବା ସହ କାର୍ଯ୍ୟାରମ୍ଭ ସହ କାର୍ଯ୍ୟ ସରିବାର ସୂଚନା ମଧ ଲିପିବଦ୍ଧ କରିବା ସହ ବିଭିନ୍ନ କାର୍ଯ୍ୟପାଇଁ ଭିନ୍ନଭିନ୍ନ ଫଳକ ନିର୍ମାଣ କରିବା ପାଇଁ ବିଭାଗୀୟ ଅଧିକାରୀ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।



# ମେମୁ ଟ୍ରେନ୍‌ରେ ଲୋକାଲ୍ ଭଡ଼ା ଲାଗୁ

**ଭଦ୍ରକ,୨୩।୨(ସମିସ):** ଭଦ୍ରକ ଜିଲ୍ଲା ସର୍ବୋଦୟ ମଣ୍ଡଳର ସଭାପତି ଅମର କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଦୀର୍ଘ ଦିନର ଦାବି ଆଜି ପୂରଣ ହୋଇଛି। ସଭାପତି ଶ୍ରୀ ପାଣିଗ୍ରାହୀ ମେମୁ ଟ୍ରେନ୍‌ରେ ଓଡ଼ିଶାରେ ଏକ୍ସପ୍ରେସ ଭଡ଼ା ଆଦାୟ ବିରୁଦ୍ଧରେ ରେଳ ବିଭାଗର ସମସ୍ତ ଅଫିସର, ରେଳ ବିଭାଗ ମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଦୀର୍ଘ ଏକ ବର୍ଷ ଧରି ଦାବିପତ୍ର ଓ ଗୁହାରି କରିଆସୁଛନ୍ତି। ରେଳ ବିଭାଗର କମର୍ସିଆଲ୍ ଆଦେଶ ପତ୍ର ନମ୍ବର ୨୦ ଓ ତାରିଖ ୨୩-୨-୨୦୨୪ ଅନୁସାରେ ଆଜିଠାରୁ ମେମୁ ଟ୍ରେନ୍ ଓ ଲୋକାଲ୍ ଟ୍ରେନ୍‌ରେ ଏକ୍ସପ୍ରେସ୍ ଭଡ଼ା ବଦଳରେ ଲୋକାଲ୍ ଭଡ଼ା ଲାଗୁ ହେଲା ବୋଲି ରେଳ ବିଭାଗ ତରଫରୁ ସର୍ବୋଦୟ ମଣ୍ଡଳର ସଭାପତିଙ୍କୁ ଅବଗତ କରାଇଛନ୍ତି। ମାତ୍ର ଖଡ଼ଗପୁରରୁ ଖୋର୍ଦ୍ଧା ରୋଡ୍ ଆସୁଥିବା ଦ୍ରୁତଗାମୀ ଲୋକାଲ୍ ଟ୍ରେନ୍‌ରେ ଏହା ଲାଗୁ ହେବନାହିଁ। କରୋନା ପୂର୍ବରୁ ଲାଗୁ ହୋଇଥିବା ଲୋକାଲ୍ ଭଡ଼ା ମଧ୍ୟ ଆଜିଠାରୁ ଲାଗୁ ହେଲା। ଗୋଟିଏ ଷ୍ଟେସନରୁ ଅନ୍ୟ ଏକ ଷ୍ଟେସନ୍‌କୁ ଭଡ଼ା ୩୦ଟଙ୍କା ବଦଳରେ ମାତ୍ର ୧୦ ଟଙ୍କା ଦେବାକୁ ପଡ଼ିବ। ଭଦ୍ରକରୁ କଟକ ୬୦ଟଙ୍କା ବଦଳରେ ୩୦ଟଙ୍କା ଭଡ଼ା ଲାଗୁ ହେଲା। ଶ୍ରୀ ପାଣିଗ୍ରାହୀ, ଭଦ୍ରକ ତଥା ଓଡ଼ିଶାର ଜନ ସାଧାରଣ ଓ ସର୍ବୋଦୟ ମଣ୍ଡଳର କର୍ମକର୍ତ୍ତା, ବୁଦ୍ଧିଜୀବୀ, ସଚେତନ ନାଗରିକ ଅତ୍ୟନ୍ତ ଖୁସି ବ୍ୟକ୍ତ କରିବା ସଂଗେ ସଂଗେ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଜିଲ୍ଲା ପରିଷଦ ଦ୍ୱାରା ସାଇକଲ ବଣ୍ଟନ




**ଭଦ୍ରକ,୨୩।୨(ସମିସ):** ଭଦ୍ରକ ଜିଲ୍ଲାର କାର୍ଯ୍ୟ କରୁଥିବା ସାଗରମତୀ କ୍ଲଷ୍ଟରକୁ ଆଇଟିସି ଓରମାସ୍ ସହାୟତାରେ ଆଇଟିସିର ସାମାଜିକ ଦାୟିତ୍ୱବୋଧ ବିଷୟ ତରଫରୁ ଅଗରବତି ଉତ୍ପାଦନ କରୁଥିବା ମହିଳାମାନଙ୍କୁ ସାଇକଲ ବଣ୍ଟନ କରାଯାଇଛି। ଏଥିରେ ଆଇଟିସି ତରଫରୁ କେଏସ୍. ନାରାୟଣ, ଅମିତ କୁମାର କର ଯୋଗ ଦେଇଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ସାଇକଲ ବଣ୍ଟନ ଦ୍ୱାରା କିପରି ମହିଳାମାନେ କମ ସମୟରେ ଅଧିକା ରୋଜଗାରକ୍ଷମ ହୋଇପାରିବେ ସେଥିପାଇଁ କାମ କରିବାକୁ ଉତ୍ସାହିତ କରିଥିଲେ। ଆଇଟିସି ଅଧିକାରୀ, ଡିପିଏମ୍ ଓସିଏମ୍‌ର ପ୍ରୋଜେକ୍ଟ ଏଜ୍‌କ୍ୟୁଟିଭ୍ ଓଆରଏମଏଏସ୍ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଓରମାସର ପ୍ରୋଜେକ୍ଟ ଏକଜ୍ୟୁଟିଭ୍ ଭାଗ୍ୟଲକ୍ଷ୍ମୀ ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏବଂ ମଳୟପଣ୍ଡା, ଦିନେଶ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କ୍ରେତା ବିକ୍ରେତା ସମ୍ମିଳନୀ

**ଭଦ୍ରକ,୨୩।୨(ସମିସ):** ଭଦ୍ରକ ଜିଲ୍ଲାରେ ଥିବା ସମସ୍ତ ଉତ୍ପାଦକ ଗୋଷ୍ଠୀମାନଙ୍କ ଦ୍ୱାରା ଉତ୍ପାଦିତ ସମସ୍ତ ଦ୍ରବ୍ୟର କିପରି ଭାବେ ବିଶ୍ୱଦରବାରରେ ବିକ୍ରିର ସୁବ୍ୟବସ୍ଥା କରାଯିବ ଉକ୍ତ ପରିପ୍ରେକ୍ଷୀରେ ଜିଲ୍ଲା ପରିଷଦ ଭଦ୍ରକ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଓରମାସ୍ ଭଦ୍ରକ ଦ୍ୱାରା କ୍ରେତା ଓ ବିକ୍ରେତା ବୈଠକ ଆଦି ପୂର୍ବାହ୍ନରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ବୈଠକରେ ଆଇଟିସି, ରିଲିୟାନ୍ସ, ବିଶାଳ ମେଗା ମାର୍ଟ, ପ୍ରଣମ ଟିଟେଲ୍, ଆଦାନୀ ଫାଉଣ୍ଡେସନ୍, ବେଦାନ୍ତ ସିଏସ୍‌ଆର୍‌ର ଅଧିକାରୀ ଏବଂ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ରହି ବିକ୍ରି ବ୍ୟବସ୍ଥାକୁ କିପରି ଉନ୍ନତ କରିହେବ ଏବଂ ଦ୍ରବ୍ୟ ଗୁଡ଼ିକର ମାନ ବୃଦ୍ଧି କରି ବଜାର ଉପଯୋଗୀ କରିହେବ ସେ ବିଷୟରେ ବିଷଦ ଆଲୋଚନା କରିଥିଲେ। ବିଭିନ୍ନ କ୍ରେତାମାନେ ଦ୍ରବ୍ୟର ମାନ ନିରୁପଣ କରିଥିଲେ ଏବଂ ମାନବୃଦ୍ଧି ପାଇଁ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମଧ୍ୟ ଉପସ୍ଥିତ ରହି ଉତ୍ପାଦକ ଗୋଷ୍ଠୀଙ୍କୁ ଉତ୍ସାହିତ କରିଥିଲେ। ଓରମାସର ପ୍ରୋଜେକ୍ଟ ଏକଜ୍ୟୁଟିଭ୍ ଭାଗ୍ୟଲକ୍ଷ୍ମୀ ରାଉତ ବୈଠକ ପରିଚାଳନା କରିଥିଲେ, ଦିନେଶ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

## ଭଦ୍ରକ ଜିଲ୍ଲାରେ କ୍ରୀଡ଼ା ଭିତ୍ତିଭୂମିର ରୂପାନ୍ତରଣ

# ଇନ୍‌ଡୋର ସୁଇମିଂ ପୁଲ୍‌ର ଭିତ୍ତିପ୍ରସ୍ତର ସ୍ଥାପନ





**ଭଦ୍ରକ,୨୩।୨(ସମିସ)**

'୫-ଟି' ରୂପାନ୍ତରଣ ଓ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆଧାରରେ ଭଦ୍ରକ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ସହିତ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ବୃହତ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଆଭାସି ଜରିଆରେ ସମଗ୍ର ରାଜ୍ୟରେ ୬୬୦ କୋଟି ଟଙ୍କାର କ୍ରୀଡ଼ା ଭିତ୍ତି ଭୂମି ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ ଅବସରରେ ଉତ୍ସବ ପାଳନ ଉପଲକ୍ଷେ ଭଦ୍ରକ ଜିଲ୍ଲା ପାଇଁ ନେହରୁ ଷ୍ଟାଡ଼ିୟମ୍‌ରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ୍, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଭଦ୍ରକ ପୌରାଞ୍ଚଳରେ ଅବସ୍ଥିତ ନେହେରୁ ଷ୍ଟାଡିୟମ୍‌ରେ ଫ୍ଲଡ୍ ଲାଇଟ୍ ବ୍ୟବସ୍ଥା, ବହୁମୁଖୀ ଜିମ୍, କ୍ରିକେଟ ଗ୍ରାଉଣ୍ଡ ସହିତ ଷ୍ଟାଡିୟମ୍‌ର ଉନ୍ନତିକରଣ ନିମନ୍ତେ ୬ କୋଟି ୯୮ଲକ୍ଷ ଟଙ୍କା, ବାଗୁରାଇଠାରେ ଇନ୍‌ଡୋର ସୁଇମିଂ ପୁଲ ପାଇଁ ୧୧ କୋଟି ୭ଲକ୍ଷ ଟଙ୍କାର ଅନୁଦାନରେ କାର୍ଯ୍ୟ ପାଇଁ ଶିଳାନ୍ୟାସ କରାଗଲା। ରାଜ୍ୟ, ଜାତୀୟ ଆନ୍ତର୍ଜାତୀୟ ସ୍ତରରେ ନାମ କମାଇଥିବା ୧୪ ଜଣ ବିଶିଷ୍ଟ ଖେଳାଳିମାନଙ୍କୁ ଏହି କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଭଦ୍ରକ ଜିଲ୍ଲାରେ ନିର୍ମାଣାଧୀନ ବାଗୁରାଇ ଠାରେ ଇନ୍‌ଡୋର ଷ୍ଟାଡିୟମ୍, ମହାବୀର ପଡ଼ିଆରେ ଫୁଟବଲ ଗ୍ରାଉଣ୍ଡ ଆଦି ସମ୍ବନ୍ଧରେ ମଧ୍ୟ ବିଧାୟକ ଶ୍ରୀ ମଲ୍ଲିକ ବକ୍ତବ୍ୟ ଜରିଆରେ ପ୍ରକାଶ କରିଥିଲେ। ଏହିସବୁ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପରେ ଫୁଟବଲ, କ୍ରିକେଟ, ବ୍ୟାଡମିଣ୍ଟନ, ଆଥ୍‌ଲେଟିକ୍ ଆଦି କ୍ରୀଡ଼ାରେ କ୍ୟାରିଅର କରିବାକୁ ଚାହୁଁଥିବା ଖେଳାଳିମାନେ ଅଭୂତପୂର୍ବ ସୁଯୋଗ ପାଇପାରିବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଡେପୁଟି କଲେକ୍ଟର କାଉକ ନାଥ ମଣ୍ଡଳ, ଜିଲ୍ଲା କ୍ରୀଡ଼ାଧିକାରୀ ତନ୍ମିତା କର, ପୂର୍ବତନ ଜିଲ୍ଲା କ୍ରୀଡ଼ାଧିକାରୀ ପଦ୍ମନ୍ ରାୟ, ଭଦ୍ରକ ତହସିଲଦାର ପ୍ରିୟଦର୍ଶନ ସଂଗ୍ରାମ କେଶରୀ ଖୁଣ୍ଟିଆ, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଓଲଙ୍ଗ ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ କାଦମ୍ବିନୀ କରଶର୍ମା ମଞ୍ଚ ପରିଚାଳନା କରିଥିଲେ।

# ଆଜି ଆସୁଛନ୍ତି '୫-ଟି' ଅଧ୍ୟକ୍ଷ



**ଅସୁରାଳି,୨୩।୨(ସମିସ):** ଆସନ୍ତା ୨୪ ତାରିଖରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିୟାନଙ୍କ ଧାମନଗର ଗସ୍ତ ରହିଛି। ଏହି କାର୍ଯ୍ୟକ୍ରମ କିପରି ସଫଳ ରୂପେ ପରିଚାଳନା ହେବ ସେଥିପାଇଁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ୍ ବୋନ୍ଦର୍, ଏସ୍‌ପି ବରୁଣ ଗୁଣ୍ଟୁପାଲି, ସାଂସଦ ମଞ୍ଜୁଲତା ମଣ୍ଡଳ, ଚାନ୍ଦବାଲି ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ବ୍ୟୋମକେଶ ରାୟ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ଧାମନଗର ତହସିଲଦାର ଦୀପକ କୁମାର ଦାସ ଓ ସ୍ଥାନୀୟ ବିଜୁ ଜନତା ଦଳର ବହୁ ଆଗଧାଡ଼ିର ନେତୃବୃନ୍ଦ ଗସ୍ତ ହେବାକୁ ଥିବା ଅଞ୍ଚଳ ପରିଦର୍ଶନ କରି ପ୍ରସ୍ତୁତିର ଶେଷ ପର୍ଯ୍ୟାୟ ତଦାରଖ କରିଛନ୍ତି।

ସେହିପରି ସନ୍ଧ୍ୟାରେ ରାଜ୍ୟ ବିଜେଡି ସାଂଗଠନିକ ସଂପାଦକ ବିଧାୟକ ପ୍ରଣବ ପ୍ରକାଶ ଦାସ, ଭଦ୍ରକ ଜିଲ୍ଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ଗସ୍ତସ୍ଥଳ ପରିଦର୍ଶନ କରି ତଦାରଖ କରିଛନ୍ତି। ସୂଚନା ଅନୁଯାୟୀ ଏହି ଗସ୍ତ ସମୟରେ '୫-ଟି' ଅଧ୍ୟକ୍ଷ ପ୍ରଥମେ ବୈତରଣୀ ନଦୀ ବନ୍ଧର ବାମ ପାର୍ଶ୍ୱର ଉନ୍ନତିକରଣ ନିମନ୍ତେ ସମୀକ୍ଷା କରିବା ସହ ମଲ୍ଲିମାହାର ଏସ୍‌କେପ୍, ଗୌରାଙ୍ଗ ଏସ୍‌କେପ୍, କୋଚିଲା ବ୍ୟାରେଜ୍ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିବେ। ଅପରାହ୍ନରେ ସାଁଳପୁର୍‌ସ୍ଥିତ କଲେଜ୍ ପଡିଆରେ ସାଧାରଣ ସଭାରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ।

# ଆଇନ୍‌ସେବା ପ୍ରତିପକ୍ଷ ଓକିଲଙ୍କ ଅଫିସ ଉଦ୍‌ଘାଟନ



**ଭଦ୍ରକ,୨୩।୨(ସମିସ):** ଭଦ୍ରକ ନଳାଙ୍ଗ ସ୍ଥିତ ଜିଲ୍ଲା କୋର୍ଟ ପରିସରରେ ଆଇନ୍‌ସେବା ପ୍ରତିପକ୍ଷ ଓକିଲଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଚକ୍ରଧର ଶରଣ ସିଂ ଆଭାସୀ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ୍‌ସେବା ପ୍ରାଧୀକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକ, ସଚିବ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ନେହା ଅଗ୍ରୱାଲ ଏବଂ ଅନ୍ୟ ସମସ୍ତ ବିଚାରପତିମାନେ ଉପସ୍ଥିତ ରହି ଆଇନ୍‌ସେବା ପ୍ରତିପକ୍ଷ ଓକିଲଙ୍କ କାର୍ଯ୍ୟାଳୟ ବିଷୟରେ ପ୍ରକାଶ କରିଥିଲେ। ସାଧାରଣଲୋକମାନେ ଫୌଜଦାରୀ ମକଦ୍ଦମା ଲଢ଼ିବା ପାଇଁ ମାଗଣାରେ ଏହି ଆଇନ୍‌ସେବା ପ୍ରତିପକ୍ଷ ଓକିଲଙ୍କ କାର୍ଯ୍ୟାଳୟର ସହଯୋଗ ନେଇପାରିବେ। ଏହି କାର୍ଯ୍ୟାଳୟ ମାଧ୍ୟମରେ ସାଧାରଣ ଲୋକମାନେ ତ୍ୱରିତ ଆଇନ୍‌ସେବା ପାଇବାରେ ସକ୍ଷମ ହେବେ ଏବଂ ଏହି ବ୍ୟବସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ଅଡ଼ାଳପଙ୍କ-ବଧିଗଡ଼ିଆ ରାସ୍ତା ଅବସ୍ଥା ଶୋଚନୀୟ



ଆଗରପଡ଼ା,୨୩।୨(ସମିସ): ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଠାରୁ ଆରମ୍ଭ କରି ବିଭିନ୍ନ ଯୋଜନା ମାଧ୍ୟମରେ ଗାଁରୁ ସହର ପର୍ଯ୍ୟନ୍ତ କଂକ୍ରିଟ ଓ ପିଚୁ ରାସ୍ତାମାନ ନିର୍ମାଣ କରାଯାଉଥିଲେ ସୁଦ୍ଧା ଅଡ଼ାଳପଙ୍କ-ବଧିଗଡ଼ିଆ ରାସ୍ତାଟି ମୋରମ ହୋଇପାରିନାହିଁ। ଅଡ଼ାଳପଙ୍କ ଠାରୁ ବଧିଗଡ଼ିଆକୁ ଲମ୍ବିଥିବା ପ୍ରାୟ ଦୁଇ କିମି ଦୂରବର୍ତ୍ତି ରାସ୍ତା ଆବଶ୍ୟକୀୟ ମରାମତି ଅଭାବରୁ ଶୋଚନୀୟ ଭାବେ ଖରାପ ହୋଇ ପଡ଼ିରହିଛି। ଏହି ମାଟି ରାସ୍ତାଟିର ସଂକୀର୍ଣ୍ଣତା ଯୋଗୁଁ ଗାଁ ଲୋକମାନେ ଯାଆଆସ କରିବାରେ ନାନାଦି ଦୁର୍ଦ୍ଦଶା ଭୋଗକରୁଛନ୍ତି। ଏଥିପାଇଁ ତାଙ୍କୁ ଅଧିକ ରାସ୍ତା ଦେଇ ବୁଲି ଅଡ଼ାଳପଙ୍କ ବଜାରକୁ ଆସିବାକୁ ପଡୁଛି। ଯାହା ସମୟ ସାପେକ୍ଷ ଓ କଷ୍ଟ ଦାୟକ। କିନ୍ତୁ ଏହି ସବୁ ସମସ୍ୟାର ଅନ୍ତ ଘଟିବା ନେଇ ଗାଁ ଲୋକମାନେ ସନ୍ଦିହାନ ହୋଇପଡ଼ିଛନ୍ତି। ବଧିଗଡ଼ିଆ ଗ୍ରାମବାସୀ ଦୈନନ୍ଦିନ ହାଟ ସୌଦା ଠାରୁ ଆରମ୍ଭ କରି ଯାବତୀୟ କାର୍ଯ୍ୟ ପାଇଁ ଅଡ଼ାଳପଙ୍କକୁ ଆସିଥାନ୍ତି। ଏଠାରେ ହାଇସ୍କୁଲ ଥିବାରୁ ପ୍ରତିଦିନ ପିଲାମାନେ ପାଠ ପଢିବାକୁ ଆସିଥାନ୍ତି। ହରିଜନ ବହୁଳ ଏହି ଗ୍ରାମ ପ୍ରତି ବୈମାତୃକ ମନୋଭାବ ଯୋଗୁଁ ଅସନ୍ତୋଷ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ସାମାନ୍ୟ ବର୍ଷାରେ ରାସ୍ତାର ଦୁରାବସ୍ଥା ଯୋଗୁଁ ଲୋକେ ଯାଆଆସ କରିବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥାନ୍ତି ଓ ପିଲାଙ୍କ ପାଠପଢାରେ ମଧ୍ୟ ଅସୁବିଧା ସୃଷ୍ଟି ହୋଇଥାଏ। ଏହି ରାସ୍ତାର ସ୍ଥାୟୀ ମରାମତି କରିବା ପାଇଁ ଗ୍ରାମବାସୀମାନେ ଲୋକପ୍ରତିନିଧିମାନଙ୍କର ବାରମ୍ବାର ଦୃଷ୍ଟି ଆକର୍ଷଣ କରୁଥିଲେ ସୁଦ୍ଧା ସେମାନେ ଏଥିପ୍ରତି ଆଦୌ କର୍ଣ୍ଣପାତ କରୁ ନାହାନ୍ତି ବୋଲି ସେମାନେ ଅଭିଯୋଗ କରୁଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ପ୍ରମୁଖ ଗ୍ରାମବାସୀମାନେ ଦାବି କରିଛନ୍ତି।

## ପୌର ପ୍ରଶାସନର ଦାଦାଗିରି

# ବଳ ପୂର୍ବକ ବ୍ୟକ୍ତିଗତ ଜମିରେ ନିର୍ମାଣ କରୁଛି ରାସ୍ତା

ବାସୁଦେବପୁର,୨୩।୨(ସମିସ): ପୌର ପ୍ରଶାସନର ଦାଦାଗିରିର ଆଉ ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ଜଣେ ଲୋକର ବ୍ୟକ୍ତିଗତ ମାଲିକାନାରେ ରହିଥିବା ଜମିକୁ ଜବରଦଖଲ କରି ସେଠାରେ ରାସ୍ତା ନିର୍ମାଣ କରିବା ଭଳି ସଙ୍ଗିନ ଘଟଣା ସାମ୍ନାକୁ ଆସିଛି। ପୌର ପ୍ରଶାସନ ଗୁଣ୍ଡା ଲଗାଇ ଜମିକୁ ଜବର ଦଖଲ କରିବା ଓ ସେଠାରେ ରାସ୍ତା ନିର୍ମାଣ ଘଟଣାରେ ଉକ୍ତ ପରିବାର ପ୍ରତିବାଦ କରି ବିଫଳ ହେବା ପରେ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ଘଟଣାକୁ ନେଇ ଚାପା ଉତ୍ତେଜନା ଲାଗି ରହିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ପୌରପାଳିକାର ୨ ନମ୍ବର ୱାର୍ଡର ରାଧାକାନ୍ତପୁର ଗୁହାଳ ଗ୍ରାମର ସୁବାସ ଜେନାଙ୍କ ପରିବାର ସହିତ ଏଭଳି ଘଟିଥିବା ଦେଖିବାକୁ ମିଳିଛି। ଯେଉଁଠି ରାସ୍ତା ନିର୍ମାଣ କରାଯାଇଛି, ସେହି ଜମିଟି ବିବାଦୀୟ ଭାବେ କୋର୍ଟରେ ମଧ୍ୟ ମାମଲା ଚାଲିଥିବା ସୁବାସଙ୍କ ପତ୍ନୀ ଟୁନା ଜେନା ସୂଚନା ଦେଇଛନ୍ତି। ଏହି ବିବାଦୀୟ ଜମିକୁ ଉକ୍ତ ଗ୍ରାମର କେତେକ ପ୍ରଭାବଶାଳୀ ଲୋକ ଯୋର ଜବରଦସ୍ତି ଭାବେ ଅକ୍ତିଆରକୁ ନେବା ସହିତ ରାସ୍ତା ନିର୍ମାଣ ପାଇଁ ପୌର ପ୍ରଶାସନକୁ ଟେକି ଦେଇଥିବା ସୁବାସଙ୍କ ପରିବାର କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି। ଏମିତିକି ବିରୋଧ କରି ହତାଶ ହେବା ପରେ ବାସୁଦେବପୁର ଥାନାରେ ଦ୍ୱାରସ୍ଥ ହୋଇଥିଲେ ବି କୌଣସି ସୁଫଳ ମିଳି ନଥିବା ପ୍ରକାଶ କରିଛନ୍ତି। ତେବେ ଏହି ସ୍ଥାନରେ ପୌରପାଳିକା ରାସ୍ତା ନିର୍ମାଣ କରୁଥିବା ବେଳେ ଜେନା ପରିବାର ପ୍ରତିବାଦ କରିବା ପରେ ପୌରନିର୍ବାହୀ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚ ମାପଚୁପ କରି କି ପ୍ରକାର ଜମି ବାହାରିଲେ ସମାଧାନ କରିବାକୁ କଥା ଦେଇଥିଲେ। ଆଜି ଉକ୍ତ ଜମିରେ ମାପଚୁପ ହେବ ବୋଲି ସ୍ଥିର ହୋଇଥିବା ବେଳେ କାହିଁକି ପ୍ରଶାସନ ସେଠାକୁ ଗଲାନି ବୋଲି ଜେନା ପରିବାର ପ୍ରଶ୍ନ କରିବା ସହିତ ପୌର ନିର୍ବାହୀଙ୍କ କାର୍ଯ୍ୟାଳୟର ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଘଟଣାକୁ ନେଇ ପୌରନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାଶ ଘଟଣାସ୍ଥଳକୁ ପରିଦର୍ଶନରେ ଯିବା ସହିତ ପୂର୍ବରୁ ସେଠାରେ ଏକ ମାଟି ରାସ୍ତା ଥିଲା ବୋଲି ସୂଚନା ଦେଇଛନ୍ତି। ଆଉ ଗ୍ରାମବାସୀଙ୍କ ସୂଚନାକ୍ରମେ ସେଠାରେ ଏକ ଫେବରବ୍ଲକ ରାସ୍ତା ନିର୍ମାଣ ହେଉଛି ବୋଲି ସୂଚନା ଦେଇଛନ୍ତି।

# ସମିତିସଭ୍ୟାଙ୍କ ସ୍ମୃତିଚାରଣ ସଭା

ଆଗରପଡ଼ା,୨୩।୨(ସମିସ): ଆଗରପଡ଼ା ୧୪ନଂ ଜୋନ ଅନ୍ତର୍ଗତ ଆଡ଼ିଆ ପଞ୍ଚାୟତ ସମିତିସଭ୍ୟା ତଥା ଉକ୍ତ ପଞ୍ଚାୟତ ଅନ୍ତର୍ଗତ କୁଆଁର୍ଦା ଗ୍ରାମର ନାରାୟଣ ଚନ୍ଦ୍ର ଭୂୟାଁଙ୍କ ସ୍ତ୍ରୀ ପ୍ରମିଳାଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ କିର୍ତ୍ତନ ବିହାରି ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ନାରିନେତ୍ରୀ ସୁଜାତା ଜେନା, ହରିହର ପାଣିଗ୍ରାହୀ, ପ୍ରଣୟ ସିଂହ, ଚତୁର୍ଭୁଜ ପହି, ରବିନାରାୟଣ ମହାପାତ୍ର, କୁଞ୍ଜ ବିହାରୀ ବିଶ୍ୱାଳ, ବାବାଜୀ ଚରଣ ଆଇଚ, ଜଗନ୍ନାଥ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ପରିବାର ବର୍ଗଙ୍କ ସମେତ ଆତ୍ମିୟ ସ୍ୱଜନମାନେ ମଧ୍ୟ ଉପସ୍ଥିତ ଥିଲେ। ଶେଷରେ ବ୍ରହ୍ମାନନ୍ଦ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



**ତିହିଡ଼ି,୨୩।୨(ସମିସ):** ତିହିଡି ବ୍ଲକ ଅନ୍ତର୍ଗତ ସିନ୍ଧୋଳ ପଞ୍ଚାୟତରେ ନୂତନ ଭାବେ ଭତ୍ତା ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ପ୍ରାୟ ୫୩ ଜଣ ହିତାଧିକାରୀଙ୍କୁ ସରପଞ୍ଚ ସୁପ୍ରଭା ପାଣି ଭତ୍ତା ବଣ୍ଟନ କରିଛନ୍ତି । ସିନ୍ଧୋଳ ପଞ୍ଚାୟତ ଅଫିସରେ ସରପଞ୍ଚ ଶ୍ରୀମତୀ ପାଣି ଏହି ନୂତନ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ଟଙ୍କା ପ୍ରଦାନ କରିଥିଲେ। ସରପଞ୍ଚଙ୍କ ପ୍ରଚେଷ୍ଟା କ୍ରମେ ମଧୁବାବୁ ପେନସନ ଯୋଜନାରେ ନୂଆ କରି ସାମିଲ ହୋଇଥିବା ଏବଂ ସରକାରଙ୍କ ଦ୍ୱାରା ଘୋଷିତ ବର୍ଦ୍ଧିତ ଭତ୍ତା ଟଙ୍କା ପାଇବାକୁ ସକ୍ଷମ ହୋଇପାରିଥିବାରୁ ହିତାଧିକାରୀମାନେ ସରପଞ୍ଚ ଶ୍ରୀମତୀ ପାଣିଙ୍କ ଉପରେ ଖୁସି ବ୍ୟକ୍ତ କରିଥିଲେ।

# 'ଶିଶୁ ସୁରକ୍ଷାରେ ଗଣମାଧ୍ୟମର ଭୂମିକା' ଶୀର୍ଷକ କର୍ମଶାଳା

**ଭଦ୍ରକ,୨୩।୨(ସମିସ)**




ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲା ପ୍ରଶାସନ ଭଦ୍ରକ ଆନୁକୂଲ୍ୟରେ ଶିଶୁ ସୁରକ୍ଷାରେ ଗଣମାଧ୍ୟମର ଭୂମିକା ଶୀର୍ଷକ କର୍ମଶାଳା ଜିଲ୍ଲା ସଂସ୍କୃତି ଭବନ ପରିସରରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ମର୍ମରେ ଜିଲ୍ଲାସ୍ତରରେ କାର୍ଯ୍ୟରତ ଥିବା ସମସ୍ତ ଗଣମାଧ୍ୟମର ପ୍ରତିନିଧି ଅଂଶଗ୍ରହଣ କରି ମତ ପୋଷଣ କରିଥିଲେ। ପ୍ରାରମ୍ଭରେ ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ୍ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ରୂପେ ସ୍ୱତନ୍ତ୍ର କିଶୋର ପୁଲିସ୍ ୟୁନିଟ୍‌ର ଅଧ୍ୟକ୍ଷା ତଥା ଡିଏସ୍‌ପି (ଏଚ୍‌ଆର୍‌ପିସି) ପୁଷ୍ପଲତା ବାରିକ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ରୂପେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଡା. ଦେବରାଜ ପାଣିଗ୍ରହୀ, ସଦସ୍ୟ ଅମର କୁମାର ବାରିକ, ଭାରତୀ ଦାଶ ସମେତ ବିଷୟ ବିଶାରଦ ରୂପେ ପୂର୍ବତନ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଅନୁଗୁଳର କଲ୍ୟାଣ କିଶୋର ମହାନ୍ତି ଯୋଗଦାନ କରି ଗଣମାଧ୍ୟମର ଭୂମିକା ବାବଦରେ ଆଲୋଚନା କରିଥିଲେ। ବରିଷ୍ଠ ସାମ୍ବାଦିକ ପ୍ରତାପ ଦାସ, ପ୍ରମୋଦ ରାୟ, ପ୍ରଭାତ ଦାସ, ଅଶ୍ୱିନୀ ପାଢ଼ୀ, ଜ୍ଞାନପ୍ରକାଶ ପାଣି, ନରେନ୍ଦ୍ର ସାମଲ, ଅଜିତ ସାମଲ ପ୍ରମୁଖ ଶିଶୁ ସୁରକ୍ଷା ପାଇଁ ସହୃଦୟର ସହ କାମ କରିବା ପାଇଁ ମନୋବଳ ଆବଶ୍ୟକ ଏବଂ ଏହାର ପ୍ରଚାର ପ୍ରସାର ସୁଦୂରବ୍ୟାପୀ ହେବା ଆବଶ୍ୟକ ବୋଲି ମତ ପୋଷଣ କରିଥିଲେ। ଶିଶୁ ସୁରକ୍ଷା ୟୁନିଟ୍‌ର ଅଣଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ, ଆନୁଷ୍ଠାନିକ ଅଧିକାରୀ ବିଶ୍ୱ ନାରାୟଣ ପଣ୍ଡା, ମହେଶ ଦାଶ, ଦମୟନ୍ତୀ ଦାଶ, ଧୀରଜ ବାରିକ, ଚିନ୍ମୟ ପଣ୍ଡା ସମେତ ତଥାଗତ ଜେନା, ନିବେଦିତା ଲେଙ୍କା, ରଶ୍ମିରେଖା ଜେନା, ଦେବସ୍ମିତା ମହାନ୍ତି, ସସ୍ମିତା ନାୟକ, ଅରବିନ୍ଦ ସେଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ରିୟାଜ ଅହମ୍ମଦଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା।

**ପ୍ରତିଷ୍ଠାକୁ ୩୮ ବର୍ଷ ପୂରିଲା**

# ଅବହେଳିତ ଉପନିବନ୍ଧକ କାର୍ଯ୍ୟାଳୟ

**ଆଗରପଡ଼ା,୨୩।୨(ସମିସ):** ପ୍ରତିଷ୍ଠାକୁ ୩୮ ବର୍ଷ ପୂରିବା ପରେ ମଧ୍ୟ ନିଜ ରୂପରେଖରେ ପରିବର୍ତ୍ତନ ଆଣି ନପାରି ସଂକୁଚିତ କଳେବରରେ ସେବା ଯୋଗାଇବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ। ଜମିଜମାର କ୍ରୟବିକ୍ରୟ, ମାଲିକାନା ସ୍ୱତ୍ୱ, ଦାନପତ୍ର, ଦସ୍ତାବିଜ, କ୍ଷମତାପତ୍ର, ବିବାହ ପରି ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ସଂପାଦନ ପାଇଁ ସରକାର ପ୍ରତି ତହସିଲ ଅଧୀନରେ ଉପନିବନ୍ଧକ କାର୍ଯ୍ୟାଳୟମାନ ନିର୍ମାଣ କରିଛନ୍ତି। ତେବେ ବନ୍ତରେ ଥିବା ଉପନିବନ୍ଧକ କାଯ୍ୟାଳୟଟି ବହୁ ସଙ୍କୁଚିତ କଳେବରରେ ରହିଥିବା ବେଳେ ଏହାର କବାଟ ଝରକା ନଷ୍ଟ ହୋଇ ଏବେ କାନ୍ଥ ଗୁଡ଼ିକରେ ଫାଟ ସୃଷ୍ଟି ହେବା ସହ ଛାତରୁ ପ୍ଲାଷ୍ଟର ଖସୁଛି। ଫଳରେ କର୍ମଚାରୀଙ୍କ ଠାରୁ ଉକ୍ତ କାର୍ଯ୍ୟାଳୟକୁ ଆସୁଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରୁଛି। ୧୯୮୫ମସିହାରେ ଏହି ବିଭାଗ ବନ୍ତରେ ପ୍ରତିଷ୍ଠା ହୋଇଥିଲା। ସେ ସମୟରେ ଉକ୍ତ ବିଭାଗ ଅଧୀନରେ ସ୍ୱଳ୍ପ ଜନସଂଖ୍ୟା ସାଙ୍ଗକୁ କାର୍ଯ୍ୟ ମଧ୍ୟ କମ ରହିଥିବାରୁ। ଏହାକୁ ଲକ୍ଷ୍ୟକରି ଉକ୍ତ କାର୍ଯ୍ୟାଳୟରେ ୨ଟି କୋଠରୀ ରେ ସବୁ ପ୍ରକାର କାର୍ଯ୍ୟ ସଂପାଦିତ ହେଉଥିଲା। ବର୍ତ୍ତମାନ ଉକ୍ତ କାର୍ଯ୍ୟାଳୟ ୩୯ ବର୍ଷରେ ପଦାର୍ପଣ କରିଛି। ଏବେ ଏହାର ଅଧିନରେ ୧୫୦ ରୁ ଅଧିକ ରୋଭିନ୍ୟୁ ଗ୍ରାମର ଦେଢ଼ ଲକ୍ଷ ଜନସଂଖ୍ୟା ନିର୍ଭର କରୁଛନ୍ତି। ହେଲେ ସେହି ସର୍ବପୁରାତନ ଓ ସଂକୁଚିତ ଗୃହର ରୁପରେଖରେ ସାମାନ୍ୟ ପରିବର୍ତ୍ତନ ଘଟିନି। ଏହି କାର୍ଯ୍ୟାଳୟ ପାଖରେ ଏକ କୋଠରି ନିର୍ମାଣ ହୋଇଥିଲେ ମଧ୍ୟ ଆଉ ଏକ କୋଠରୀର ଆବଶ୍ୟକତା ରହିଛି। ଏଠାରେ ଥିବା ଦୁଇଟି କୋଠରୀରେ ରେକର୍ଡ଼ପତ୍ରର ରକ୍ଷଣାବେକ୍ଷଣ,କମ୍ପ୍ୟୁଟର ସହ ରେଜିଷ୍ଟ୍ରେସନ କାର୍ଯ୍ୟରେ ନାନା ସମସ୍ୟା ଦେଖାଯାଉଛି। ଘରର କାନ୍ଥ , ଝରକା ଓ କବାଟ ଆଦି ନଷ୍ଟ ହେବାକୁ ବସିଥିବା ବେଳେ ଏହାର କାନ୍ଥ ସହ ଛାତରେ ଫାଟ ସୃଷ୍ଟି ହୋଇଛି। ବର୍ଷା ଦିନରେ ଛାତରୁ ବର୍ଷା ପାଣି ଗଳିବା ସହ ଫାଟସହ ଛାତରୁ ପଲସ୍ତରା ଖସୁଥିଲେ ମଧ୍ୟ ଅଧିକାରୀ ଓ କର୍ମଚାରୀ ନିରୂପାୟ ହୋଇ ସେଠାରେ କାର୍ଯ୍ୟ କରୁଛନ୍ତି। ତେଣୁ ଉକ୍ତ କାର୍ଯ୍ୟାଳୟର ମରାମତି ସହ କଳେବର ବୃଦ୍ଧି ପାଇଁ ସର୍ବସାଧାରଣରେ ଦାବି ହେଉଛି।



ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ

# 'ବହୁବିଧ ଯୋଜନା କରିଛନ୍ତି ସରକାର'

**ଦାନଗଦି/ଯଖପୁରା, ୨୩।୨(ସମିସ):**

ସ୍ଥାନୀୟ 'ଦାନଗଦି ଭବନ'ରେ ଆଜି ପୂର୍ବାହ୍ନରେ ଯାଜପୁରରୋଡ଼ସ୍ଥ ଜିଲ୍ଲା ଶ୍ରମ ଓ ଇଏସଆଇ ବିଭାଗ ପକ୍ଷରୁ ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲ୍ଲା ସହକାରୀ ଶ୍ରମ ଅଧିକାରୀ ସଞ୍ଜିତ କୁମାର ଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନିର୍ମାଣ ଶ୍ରମିକ ହିତାଧିକାରୀଙ୍କୁ ସହାୟତା ରାଶି ବଣ୍ଟନ କରିଥିଲେ। ସେ କହିଥିଲେ, ରାଜ୍ୟ ସରକାର ନିର୍ମାଣ ଶ୍ରମିକଙ୍କ ବହୁବିଧ ଉନ୍ନତି ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ଏହି ଯୋଜନାରେ କୋଠାବାଡି ଓ ଅନ୍ୟ ନିର୍ମାଣ କ୍ଷେତ୍ରରେ କାମ କରୁଥିବା ବହୁ ଅଭାବୀ ଶ୍ରମିକ, ଅଣସଂଗଠିତ କ୍ଷେତ୍ରରେ କାମ କରୁଥିବା ୬୦ ବର୍ଗର ବ୍ୟକ୍ତିବିଶେଷ ଖୁବ୍ ଉପକୃତ ହେଉଛନ୍ତି। ତେଣୁ ଏହି ଯୋଜନା ସମ୍ପର୍କରେ ସମସ୍ତେ ଭଲ ଭାବେ ସଚେତନ ହେବା ଉଚିତ। ନିର୍ମାଣ ଶ୍ରମିକଙ୍କ ଏହି ସହାୟତା ଶିବିର ଜରିଆରେ ୬.୫୪ କୋଟି ପାଖାପାଖି ଟଙ୍କା ହିତାଧିକାରୀଙ୍କୁ ବଣ୍ଟାଯିବା ସମସ୍ତଙ୍କୁ ଖୁସି କରିଛି ବୋଲି ଇଂ. ଘଡ଼ାଇ କହିଥିଲେ।



ଜିଲ୍ଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତି ନିର୍ମାଣ ଶ୍ରମିକଙ୍କ ପାଇଁ ରାଜ୍ୟ ସରକାର ଦେଉଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ଉପରେ ବିକ୍ଷିପ୍ତ ଅଭିଭାଷଣ ରଖି କହିଥିଲେ, ନିର୍ମାଣ ଶ୍ରମିକ ପଞ୍ଜିକରଣଠାରୁ ଆରମ୍ଭ କରି ବାର୍ଷିକ ନବୀକରଣ, ବିଭିନ୍ନ ପ୍ରକାରର ସହାୟତା ରାଶି ପାଇବା ପାଇଁ ସଚେତନ ହେବା ଜରୁରି। ସେ ଆନ୍ତଃରାଜ୍ୟ ଶ୍ରମ ଆଇନ, ଶିଶୁ ଶ୍ରମିକ ନିରୋଧ ଆଇନ, ସର୍ବନିମ୍ନ ମଜୁରୀ, ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଆଦି ଉପରେ ଉପସ୍ଥିତ ଶ୍ରମିକ ଓ ବ୍ୟକ୍ତିବିଶେଷଙ୍କୁ ତଥ୍ୟ ଭିତ୍ତିକ ସୂଚନା ପ୍ରଦାନ କରିଥିଲେ। ଏଥିସହିତ ସେ ସମସ୍ତ ଅତିଥିଙ୍କୁ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁଗ୍ମ ଶ୍ରମ ଆୟୁକ୍ତ ମଦନ ମୋହନ ପାଇକ ଯୋଗ ଦେଇ ବିଭିନ୍ନ ଶ୍ରମ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଦାନଗଦି ପଞ୍ଚାୟତ ସମିତି ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ଉପାଧ୍ୟକ୍ଷ ଅଜୟ କୁମାର ବିନ୍ଧାଣି, ସୁକିନ୍ଦା ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନବୀନ ସରକାରଙ୍କ ଅମଳରେ ନିର୍ମାଣ ଶ୍ରମିକ ହିତାଧିକାରୀଙ୍କୁ ଦିଆଯାଉଥିବା ସହାୟତା ଅତ୍ୟନ୍ତ ଫଳପ୍ରଦ ବୋଲି ଅଭିହିତ କରିଥିଲେ। ସରକାରଙ୍କ ଏହି ଯୋଜନାରେ ବହୁ ଅଭାବୀ ଶ୍ରମିକ ଓ ସେମାନଙ୍କ ପିଲାଛୁଆ ଖୁବ୍ ଉପକୃତ ହେଉଛନ୍ତି। ତେଣୁ ଏହି ଯୋଜନା ସମ୍ପର୍କରେ ସମସ୍ତେ ଭଲ ଭାବେ ଅବଗତ ହେବା ଉଚିତ୍। ଏ ଅବସରରେ କେତେକ ନିର୍ମାଣ ଶ୍ରମିକ ଓ ଅଣ-ସଂଗଠିତ ଶ୍ରମିକଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ୫୩୨ ଜଣ ନିର୍ମାଣ ଶ୍ରମିକ ହିତାଧିକାରୀଙ୍କ ପିଲାମାନଙ୍କ ଶିକ୍ଷା ସହାୟତା ବାବଦରେ ମୋଟ ୪୫ ଲକ୍ଷ ୮ ହଜାର ୬୦୦ ଟଙ୍କା, ୪୬୯ ଜଣ ହିତାଧିକାରୀଙ୍କୁ ସେମାନଙ୍କ କନ୍ୟା ସନ୍ତାନଙ୍କ ବିବାହ ସହାୟତା ବାବଦରେ ୨୨ ଲକ୍ଷ ୭୫ ହଜାର ଟଙ୍କା, ୧୮ ଜଣଙ୍କୁ ୧ ଲକ୍ଷ ୮୦ ହଜାର ଟଙ୍କା ପ୍ରସୂତିକାଳୀନ ସହାୟତା, ୧୯୬ ଜଣ ଶ୍ରମିକଙ୍କ ମୃତ୍ୟୁ ପରେ ସେମାନଙ୍କ ପରିବାରକୁ ୩ କୋଟି ୭୦ ଲକ୍ଷ ୫୦ ହଜାର ଟଙ୍କା ଓ ୧୮୩ ଜଣଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ସମାପନ ସହାୟତା ବାବଦରେ ୯ଲକ୍ଷ ୧୫ହଜାର ଟଙ୍କା; ଏପରି ମୋଟ ୧, ୩୯୮ ଜଣ ହିତାଧିକାରୀଙ୍କୁ ସର୍ବମୋଟ ୬ କୋଟି ୫୩ ଲକ୍ଷ ୨୮ହଜାର ୬୦୦ ଟଙ୍କା ବଣ୍ଟନ କରାଯାଇଥିଲା।

ଆଦିବାସୀ ଅଧ୍ୟୁଷିତ ସୁକିନ୍ଦା ବ୍ଲକର ନଗଡ଼ା ଅଞ୍ଚଳର ବହୁ ଶ୍ରମିକଙ୍କୁ ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ ସହ କିଛି ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ ଶ୍ରମ ଅଧିକାରୀ ସ୍ମୃତିରଞ୍ଜନ ପଣ୍ଡା, ସୌମ୍ୟସୁନ୍ଦର ରାଉତରାୟ, ସୌମ୍ୟରଞ୍ଜନ ବେହେରା, ରଚନା ସେଠୀ, କର୍ମଚାରୀ ନାରାୟଣ ନନ୍ଦ, କାହ୍ନୁଚରଣ ସାହୁ, ଦେବଶ୍ରୀ ପଣ୍ଡା, ମହେଶ ସୁନାନୀ, ପ୍ରକାଶ ଜେନା, ସନ୍ତୋଷ କୁମାର ନାୟକ, ଶଶିକାନ୍ତ ପ୍ରଧାନ, ରଶ୍ମିତା ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ। ସହକାରୀ ଶ୍ରମ ଅଧିକାରିଣୀ ସୁନନ୍ଦା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଉଁଶ ବାଡ଼ି ପୋଡ଼ି ଅଭିଯୋଗ

**ଧର୍ମଶାଳା, ୨୩।୨(ସମିସ):** ଧର୍ମଶାଳା ଥାନା ଉତ୍ତରପ୍ରତାପ ଗ୍ରାମର ରମେଶ ଚନ୍ଦ୍ର ରାଉତଙ୍କ ବାଉଁଶ ବାଡିକୁ ପଡୋଶୀ ପୋଡ଼ି ଦେଇଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ସେଠାରେ ଥିବା ବାଉଁଶ, କଣି ଓ ଅଗିର ମୂଲ୍ୟ ଆନୁମାନିକ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ଶ୍ରୀ ରାଉତ ତାଙ୍କ ଏତଲାରେ ଦର୍ଶାଇଛନ୍ତି। ଏହାର ତଦନ୍ତ କରି ପଡ଼ୋଶୀ ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ଦାବି କରିଛନ୍ତି।

## ଧର୍ମଶାଳା କଲେଜ ଇତିହାସ ବିଭାଗର ବିଦାୟକାଳୀନ ସମ୍ବର୍ଦ୍ଧନା




**ଧର୍ମଶାଳା, ୨୩।୨(ସମିସ):** ଧର୍ମଶାଳା ମହାବିଦ୍ୟାଳୟ ଇତିହାସ ବିଭାଗର ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗୋକର୍ଣ୍ଣେଶ୍ୱର ପୀଠରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଇତିହାସ ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ଡଃ ରେଖାରାଣୀ ଖୁଣ୍ଟିଆ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଇତିହାସ ବିଭାଗର ପୂର୍ବତନ ମୁଖ୍ୟ ପ୍ରାଧ୍ୟାପକ ରାଧାଶ୍ୟାମ ସାହୁ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥଲେ। ଅଧ୍ୟାପକ ବିଶ୍ୱଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଯାଜପୁର, ୨୩।୨(ସମିସ):** ଯାଜପୁର ବ୍ଲକ ଅନ୍ତର୍ଗତ ମାର୍କଣ୍ଡପୁର ବାବା ହରେକୃଷ୍ଣ ଦାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଟ୍ରେନର ଭାଗ୍ୟଶ୍ରୀ ମହାପାତ୍ରଙ୍କ ପ୍ରଶିକ୍ଷଣରେ ବାଳିକାମାନେ ବିଭିନ୍ନ ଆତ୍ମରକ୍ଷା କୌଶଳ ଶିକ୍ଷା ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ରାଜେଶ କର ନାରୀ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ନାରୀ ପ୍ରଗତୀ ହିଁ ଦେଶର ପ୍ରଗତି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସଚିକାନ୍ତ ପାଣିଗ୍ରାହୀ ଓ ପ୍ରାକ୍ତନ ଅଧ୍ୟାପକ ଅକ୍ଷୟ କୁମାର ସ୍ୱାଇଁ ନାରୀ ସୁରକ୍ଷା ଉପରେ ଅଭିଭାଷଣ ଦେଇଥିଲେ। ସେଖ୍ ଲିୟାକତ୍ ଅଲ୍ଲୀ ଶିବିରକୁ ପରିଚାଳନା କରିଥିବାବେଳେ ଅଧ୍ୟାପକ ଶାରଦା ପ୍ରସାଦ କର ଧନ୍ୟବାଦ ପ୍ରଦାନ କରିଥିଲେ।

## ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା

**ଯାଜପୁର, ୨୩।୨(ସମିସ):** ଯାଜପୁର ବ୍ଲକ ଅନ୍ତର୍ଗତ ବାବା ହରେକୃଷ୍ଣ ଦାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେଶ କୁମାର କର ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦର୍ଶନ ବିଭାଗ ଅଧ୍ୟାପକ ଶରତ କୁମାର ପଣ୍ଡା ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ଉପରେ ସାରଗର୍ଭକ ମନ୍ତବ୍ୟ ରଖିଥିଲେ। ଓଡ଼ିଆ ସାହିତ୍ୟକୁ ବିଶ୍ୱ ଦରବାରରେ ସ୍ଥାନିତ କରିବାକୁ ସମସ୍ତଙ୍କ ପ୍ରୟାସ ଏକାନ୍ତ ଆବଶ୍ୟକ ବୋଲି ଅଧ୍ୟକ୍ଷ ଶ୍ରୀ କର ମତ ଦେଇଥିଲେ। ଅଧ୍ୟାପକ ସଚିକାନ୍ତ ପାଣିଗ୍ରାହୀ ଓ କ୍ରୀଡ଼ା ଶିକ୍ଷକ ସେକ୍ ଲିୟାକତ୍ ଅଲ୍ଲୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରାକ୍ତନ ଅଧ୍ୟାପକ ଅକ୍ଷୟ କୁମାର ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ।

## ସେଣ୍ଟ ଜାଭିୟର ସ୍କୁଲର ବାର୍ଷିକ ଉତ୍ସବ

**ଯାଜପୁର, ୨୩।୨(ସମିସ):** ସେଣ୍ଟ ଜାଭିୟର ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡଃ ଶ୍ରୀହରି ଧଳ, ମୁଖ୍ୟବକ୍ତା ଭାବେ ବିରଜାରତ୍ନ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ନିର୍ଦ୍ଦେଶକ ସୁଶାନ୍ତ କୁମାର ଜେନା, ଅଧ୍ୟକ୍ଷ ତରୁଣ କୁମାର ନାୟକ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଅନୁସୂୟା ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୀତାଞ୍ଜଳି ଭାରତୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ବାର୍ଷିକ ବିବରଣୀ ଶିକ୍ଷକ ଶୁଭେନ୍ଦୁ ଶେଖର ସାମନ୍ତ ପାଠ କରିଥିଲେ। ପିଲାମାନଙ୍କୁ ଭଲମଣିଷ ଭାବେ ଗଠନ କରିବାରେ ମାତାପିତା ଓ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନ କରିଥିଲେ।

## ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ



**ମଇଁନ୍ଦା, ୨୩।୨(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ବରପଦା ପଞ୍ଚାୟତର ବିଦାପଡ଼ା ଗାଁରେ ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ଅଙ୍କୁରୋପଣ, ଅଧିବାସ, କଳସ ଯାତ୍ରା, ପ୍ରାଣ ପ୍ରତିଷ୍ଠା, ହୋମଯଜ୍ଞ, ହନୁମାନଙ୍କ ୧୦୮ ଆହୁତି ଓ ରାମଙ୍କ ୨୦୦ ଆହୂତିରେ ପୂଜାର୍ଚ୍ଚନା କରାଯାଇଥିଲା। ଏଠାରେ ତିନିଦିନ ଧରି ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବକୁ ଗ୍ରାମର ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ।

## ଏମ୍‌ଏମ୍‌ଜିପି ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ମଇଁନ୍ଦା, ୨୩।୨(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ଚିକଣା ପଞ୍ଚାୟତର ଅଗ୍ରଣୀ ଶିକ୍ଷାନୁଷ୍ଠାନ ମୁରଲୀଧର ମେମୋରିଆଲ ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆର୍ଯ୍ୟନାରାୟଣ ପଣ୍ଡା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଗ୍ରହଣ କରିଛନ୍ତି। ଏହି ବିଦ୍ୟାଳୟ ପଞ୍ଚାୟତର ଏକମାତ୍ର ଉଚ୍ଚ ବିଦ୍ୟାଳୟ। ପ୍ରତ୍ୟେକ ବର୍ଷ ଛାତ୍ରଛାତ୍ରୀ ଶତ ପ୍ରତିଶତ ସଫଳତା ହାସଲ କରୁଥିବାବେଳେ ମେଧା ଛାତ୍ର ବୃତ୍ତି, ଅନେକ ପ୍ରତିଯୋଗିତାରେ ସଫଳତା ହାସଲ କରିଛି। ଏହି ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମିଳିବା ପରେ ପଞ୍ଚାୟତର ଧ୍ରୁବଚରଣ ସେଠୀ, ବିପିନ ବିହାରୀ ବଳ, ପ୍ରଦୀପ ମଲିକ, ଶ୍ରୀଧର ମଲିକ, ସରପଞ୍ଚ ପାର୍ବତୀ ମଲିକ, ସମିତି ସଭ୍ୟା ସ୍ୱର୍ଣ୍ଣଲତା ବେହେରା, ଶିକ୍ଷକ ବିଦ୍ୟାସାଗର ବେହେରା, ସାମ୍ବାଦିକ କରୁଣାକର ବେହେରା, ଜିତେନ୍ଦ୍ର ବେହେରା, ସତ୍ୟଭାମା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ରବୀନ୍ଦ୍ର ମଲିକ, ଜିଲ୍ଲା ପରିଷଦ ଶିକ୍ଷକ ସଂଘର ସଭାପତି କ୍ଷୀରୋଦ ମଲିକ, ସମ୍ପାଦକ ବୈଦ୍ୟନାଥ ପରିଡ଼ା, ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରବି ନାରାୟଣ ମହାନ୍ତି, ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଉତଙ୍ଗରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ସାମଲଙ୍କୁ ସମ୍ମାନିତ କରାଯାଇଥିଲା।



## ୪ଟି ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ଦାନଗଦି, ୨୩।୨ (ସମିସ)**

ଦାନଗଦି ବ୍ଲକର ୪ଟି ପଞ୍ଚାୟତରେ ଆଜି 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନଛିପୁରା, ଗୋବର୍ଦ୍ଧନପୁର, ଚିତ୍ରି ଓ ଶାଳିଜଙ୍ଗା ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ଘଡ଼ାଇ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ବ୍ୟକ୍ତି ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ ବୃଦ୍ଧବୃଦ୍ଧାଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ବର୍ଦ୍ଧିତ ଭତ୍ତା ଟଙ୍କା ପାଞ୍ଚ ଶହ ଟଙ୍କାରୁ ଏକ ହଜାର ଟଙ୍କାକୁ ପ୍ରଦାନ କରିଥିଲେ। ମନ୍ତ୍ରୀ ସରକାରଙ୍କ ଅନେକ ଯୋଜନା ବିଷୟରେ ଲୋକଙ୍କୁ ବୁଝାଇଥିଲେ।



ଗତ ପାଞ୍ଚବର୍ଷ ମଧ୍ୟରେ ସରକାର ଘୋଷଣା କରିଥିବା ଯୋଜନା କିପରି ସଫଳତା ପାଇଛି, ତାହାକୁ ଲୋକଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ଅଜୟ କୁମାର ବିନ୍ଧାଣୀ, ଦାନଗଦି ପଞ୍ଚାୟତ ସମିତି ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରାଣୀ ରାଉତ, ନଛିପୁରା ସରପଞ୍ଚ ସତ୍ୟଭାମା ବେହେରା, ସାଂସଦଙ୍କ ପ୍ରତିନିଧି ଲୋକନାଥ ଧିର, ପର୍ଯ୍ୟବେକ୍ଷକ ଜ୍ୟୋତି ପ୍ରକାଶ ସାହୁ, ଶାଳିଜଙ୍ଗା ସରପଞ୍ଚ ବିଜୟଲକ୍ଷ୍ମୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଯୋଗ ଦେଇଥିଲେ।

## ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା

**କାଳିଆପାଣି, ୨୩।୨(ସମିସ)**

ସୁକିନ୍ଦା ଖଣି ଅଞ୍ଚଳର ଗ୍ରାମୀଣ ଅଞ୍ଚଳରେ ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ଜଟିଳ ହେବାରେ ଲାଗିଛି। ଧୂଳି ଧୂଆଁରେ ଦୂଷିତ ହୋଇଯାଇଥିବା ଖଣି ଅଞ୍ଚଳର ବାୟୁମଣ୍ଡଳ ଏବେ ବିଷାକ୍ତ ହୋଇସାରିଛି। କର୍କଟ, ଯକ୍ଷ୍ମା, କିଡ୍‌ନୀ, ମ୍ୟାଲେରିଆ, ଥଣ୍ଡା ଜ୍ୱର ଓ ଚର୍ମ ରୋଗ ଭଳି ନାନାଦି ପ୍ରାଣ ଘାତକ ରୋଗରେ ଲୋକମାନେ ପୀଡିତ ହୋଇ ମୃତ୍ୟୁବରଣ କରୁଛନ୍ତି। ଖଣି ଅଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟସେବା ସୁବିଧା ନ ଥିବାରୁ ଗାଁ ଗହଳିର ଲୋକେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା କଟକ ବଡ ମେଡିକାଲକୁ ଯିବାକୁ ବାଧ ହେଉଛନ୍ତି। ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ଟାଟା କମ୍ପାନୀ ଗ୍ରାମୀଣ ଲୋକଙ୍କୁ ସ୍ୱାସ୍ଥ୍ୟସେବା କିପରି ସହଜରେ ଯୋଗାଇ ଦିଆଯାଇପାରିବ ସେଥିପ୍ରତି ପଦକ୍ଷେପ ଗ୍ରହଣ କରିଛି। ଟାଟା କମ୍ପାନୀ ଅଧୀନରେ ଥିବା ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଖଣି ଅଞ୍ଚଳର ୪ଟି ପଞ୍ଚାୟତରେ ଏକ ସାର୍ବଜନୀନ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଯୋଜନା ଆରମ୍ଭ କରିଛି।



ଖଣି ସଂଲଗ୍ନ ୪ଟି ପଞ୍ଚାୟତ କାଳିଆପାଣି, କଂସ, ଚିଙ୍ଗୁଡ଼ିପାଳ ଓ ରାଁସୋଳର ପ୍ରାୟ ୧୩୦୫ ଜଣ ବିଭିନ୍ନ ରୋଗରେ ପୀଡିତ ରୋଗୀଙ୍କୁ ଚିହ୍ନଟ କରି ଔଷଧ ଦିଆଯାଇଛି। ଖଣି ସଂଲଗ୍ନ ଆଦିବାସୀ ଅଧ୍ୟୁଷିତ ଗାଁର ମହିଳାଙ୍କ ରକ୍ତହୀନତା, ମଧୁମେହ ଓ ଉଚ୍ଚ ରକ୍ତଚାପ ପରୀକ୍ଷା କରି ଉପଯୁକ୍ତ ଔଷଧ ଦିଆଯାଉଥିବା ସ୍ଥାନୀୟ ଟାଟା ଫାଉଣ୍ଡେସନର ୟୁନିଟ୍ ହେଡ଼ ଦେବରଞ୍ଜନ ମୁଖାର୍ଜୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ଏଠାରେ ଥିବା ଡିସ୍‌ପେନାରୀରେ ସକାଳ ସମୟରେ ସ୍ଥାନୀୟ ରୋଗୀଙ୍କୁ ଚିକିତ୍ସା କରାଯାଉଥିବାବେଳେ ସପ୍ତାହର ୫ ଦିନ ଉପରଓଳା ନିକଟବର୍ତ୍ତୀ ଗାଁକୁ ଏକ ଆମ୍ବୁଲାନ୍ସ ଯୋଗେ ପହଞ୍ଚି ଗାଁ ଗହଳିର ରୋଗୀଙ୍କୁ ପରୀକ୍ଷା କରି ମାଗଣାରେ ଔଷଧ ବଣ୍ଟନ କରାଯାଉଛି। ଏଥିସହ କଂସ ପଞ୍ଚାୟତର ଦୁର୍ଗମ ପାହାଡିଆ ଅଞ୍ଚଳରେ ଅବସ୍ଥିତ ଟିକରପଡ଼ା, ମହୁଖୁଣ୍ଟା, ନୂଆପଡ଼ା ଓ ଚିଙ୍ଗୁଡ଼ିପାଳ ପଞ୍ଚାୟତର ନାଳିଆଡାବ, ନଗଡ଼ା, କଙ୍କଡା ଗୁଡ଼ି, ଗୁଆଖେତ, ନାଡୁର ଇତ୍ୟାଦି ଗାଁକୁ ଯାଇ ମହିଳା, ପୁରୁଷ ଓ ଛୋଟ ପିଲାଙ୍କ ପରୀକ୍ଷା କରି ବିଭିନ୍ନ ରୋଗ ପାଇଁ ଔଷଧ ଦିଆଯାଉଛି। ଅତ୍ୟାଧୁନିକ ସରଞ୍ଜାମରେ ସଜ୍ଜିତ ଆମ୍ବୁଲାନ୍ସରେ ଜଣେ ଅଭିଜ୍ଞ ଡାକ୍ତର, ଜଣେ ଫାର୍ମାସିଷ୍ଟ ଓ ଜଣେ ଲାବ-ଟେକ୍ନିସିଆନ ରହିଛନ୍ତି।

## ହାଇୱା-ବାଇକ୍ ଧକ୍କା; ଯୁବକ ମୃତ

**ଦଶରଥପୁର/କୟାଁଗୋଲା, ୨୩।୨ (ସମିସ):** ଦଶରଥପୁର ବ୍ଲକ ତଥା ମଙ୍ଗଳପୁର ଥାନା ଅଧିନ ମଙ୍ଗଳପୁର ବଜାର ରାସ୍ତାରେ ବାଇକ ପଛରେ ବସି ଘରକୁ ଫେରୁଥିବା ଜଣେ ଯୁବକ ହାଇୱା ଚକା ତଳେ ପଡ଼ି ଗୁରୁତର ଭାବେ ଆହତ ହୋଇଥିବାବେଳେ ବାଇକ୍ ଚାଳକ ଅଳ୍ପକେ ବର୍ତ୍ତିଯାଇଥିବା ଜଣାଯାଇଛି। ଶୁକ୍ରବାର ଦିନ ପ୍ରାୟ ୧ଟା ସମୟରେ ମଙ୍ଗଳପୁର ଥାନା କେସପୁର ଗ୍ରାମର କାଳନ୍ଦୀ ଦାସଙ୍କ ପୁଅ ଶୁଭଦୀପ ଦାସ (୧୯) ତାଙ୍କ ସାଙ୍ଗ ବାଇକରେ ଘରକୁ ଫେରୁଥିବାବେଳେ ଏକ ବାଲି ବୋଝେଇ ହାଇୱାକୁ ଅତିକ୍ରମ କରିବାକୁ ଯାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ବାଇକ୍ ଚାଳକ ଅଳ୍ପକେ ବର୍ତ୍ତିଯାଇଥିଲେ ମଧ୍ୟ ପଛରେ ବସିଥିବା ଶୁଭଦୀପ ବାଇକରୁ ଖସି ହାଇୱା ଚକା ତଳେ ପଡ଼ିଯାଇଥିଲେ। ହାଇୱା ଚକା ଚାପରେ ତାଙ୍କ ଗୋଡ଼, ଆଣ୍ଠୁଠାରୁ ଆରମ୍ଭ କରି ଶରୀରର ଅର୍ଦ୍ଧାଧିକ ଅଂଶ ଗଭୀର ଭାବେ ଆଘାତପ୍ରାପ୍ତ ହୋଇ ରକ୍ତ ଜୁଡୁବୁଡୁ ହୋଇପଡ଼ିଥିଲେ। ଶୁଭଦୀପଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ବ୍ୟବସାୟୀ ଓ ମଙ୍ଗଳପୁର ପୁଲିସ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଶୁଭଦୀପଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ତାଙ୍କୁ କଟକ ମେଡ଼ିକାଲ ପଠାଇ ଦିଆଯାଇଥିଲା। ମଙ୍ଗଳପୁର ଥାନାଧିକାରିଣୀ ଚିନ୍ମୟୀ ସାହୁ ଦୁର୍ଘଟଣାସ୍ଥଳରୁ ହାଇୱାକୁ ଜବତ କରି ଥାନାରେ ଅଟକ ରଖି ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛନ୍ତି। ହାଇୱା ଚାଳକ ଫେରାର ହୋଇଯାଇଥିବା ସୂଚନା ମିଳିଛି। ଆହତ ସୁଭଦୀପଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

## ପାରମ୍ପରିକ ଲୋକକଳା ମାଧ୍ୟମରେ ସଚେତନତା

**କୋରେଇ, ୨୩।୨(ସମିସ):** ରାଜ୍ୟ ସରକାରଙ୍କର ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ପାରମ୍ପରିକ ଲୋକକଳା ମାଧ୍ୟମରେ ଗାଁ ଗାଁରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି। ଏ ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା କୋରେଇ ବ୍ଲକର ୨୮ଟି ପଞ୍ଚାୟତର ପ୍ରତି ଗାଁରେ ପାଲା, ଦାସକାଠିଆ, ସଂକୀର୍ତ୍ତନ, ଖଞ୍ଜଣି, ଘୋଡାନାଚ ଆଦି ଲୋକନୃତ୍ୟ ଜରିଆରେ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରାଯାଉଛି। ସରକାରଙ୍କ ମମତା ଯୋଜନା, କୃଷି ଋଣ ସୁଧ, ଆମ ଓଡ଼ିଶା ନବୀନ ଓଡ଼ିଶା, ମଧୁବାବୁ ପେନସନ ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଫସଲ ବୀମା ଯୋଜନା, ମିଶନ ଶକ୍ତି, '୫-ଟି' ସ୍କୁଲ ରୂପାନ୍ତରଣ, କ୍ରୀଡା, ହରିଶ୍ଚନ୍ଦ୍ର ଯୋଜନା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଆମ ହସ୍ପିଟାଲ, ଜନଜାତି ଉନ୍ନୟନ ପରିଷଦ, ଆମ ଐତିହ୍ୟ, ଆମ ବ୍ୟାଙ୍କ, ଲକ୍ଷ୍ମୀ ବସ ଆଦି ୧୫ଟି ଯୋଜନାର ବିଷଦ ବିବରଣୀ ପ୍ରଦାନ କରାଯିବା ସହିତ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି। ଏହାଦ୍ୱାରା ଜନସାଧାରଣ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଅବଗତ ହେବା ସହିତ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମରେ ସହଭାଗୀ ହୋଇପାରିବେ। କୋରେଇ ବ୍ଲକରେ ତାଲିମ ନେଇଥିବା ବିଭନ୍ନ ଦଳ ମଧ୍ୟରୁ ପାଲା ଦଳ ୧୩, ସଂକୀର୍ତ୍ତନ ୬, ଘୋଡା ନାଚ ୩, ଖଞ୍ଜଣି ୧, ଦାସକାଠିଆ ୧ଦଳ ଏହି କାର୍ଯ୍ୟକ୍ରମ ବିଭିନ୍ନ ପଞ୍ଚାୟତରେ କରୁଛନ୍ତି। କଳାକାର ଗୀତ, ନୃତ୍ୟ ଓ ଅଭିନୟ ଦ୍ୱାରା ସରକାରଙ୍କ ଏହି ଯୋଜନାକୁ ଜନ ସାଧାରଣଙ୍କ ନିକଟରେ ଉପସ୍ଥାପନ କରୁଛନ୍ତି। ଗାଁରେ ପ୍ରଦର୍ଶିତ ହେଉଥିବା ଏହି ଲୋକକଳାକୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଉଛି। ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟକ୍ରମ ଜାରି ରହିବ ବୋଲି ବ୍ଲକ କଳାକାର ସଂଘର ଉପସଭାପତି ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟ ସୂଚନା ଦେଇଛନ୍ତି।




କୁହିକାରେ ବିଜେଡିର ମହିଳା ସମାବେଶ

# ସଂଗଠନକୁ ଅଧିକ ସୁଦୃଢ଼ କରିବାକୁ ପରାମର୍ଶ





**ସୁକିନ୍ଦା, ୨୩।୨(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ କୁହିକା ଦେହୁରୀସାହି ମା' ଖଣ୍ଡୁରାଇ ପୀଠ ପରିସରରେ ମହିଳା ବିଜୁ ଜନତା ଦଳର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳର ସାଂଗଠନିକ ସ୍ଥିତିକୁ ଅଧିକରୁ ଅଧିକ ମଜବୁତ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁକିନ୍ଦା ବ୍ଲକ ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଶ୍ରମିକ ସଂଗଠନର ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧିର, ୩୭ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ଜେମା ଚାଖି, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତ, ସଂଗଠକ ବ୍ରଜକିଶୋର ବାରିକ, ଶ୍ରମିକ ନେତା ମହେଶ୍ୱର ନାୟକ, ହୃଦାନନ୍ଦ ପ୍ରଧାନ, ହାଡ଼ିବନ୍ଧୁ ନାୟକ, ଦୀପକ ନାୟକ, ତ୍ରିଲୋଚନ ମହାକୁଡ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଶ୍ରୀ ଘଡ଼ାଇ ମହିଳା ସଶକ୍ତିକରଣ ଉପରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ମତବ୍ୟକ୍ତ କରି ମିଶନ ଶକ୍ତିରେ ଗ୍ରାମାଞ୍ଚଳର ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଥିବା ଦର୍ଶାଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରମିକ ଓ ମହିଳାଙ୍କ ଉଦ୍ଦେଶ୍ୟରେ 'ମା'କୁ ସମ୍ମାନ ଓ ଗାଁକୁ କାମ' ନାରାଦେଇ ସମୃଦ୍ଧ ଓଡ଼ିଶା ଓ ସଶକ୍ତ ଓଡ଼ିଶା ଗଢ଼ିବାର ସ୍ୱପ୍ନ ଦେଖିଥିବା ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁହିକା ଓ ଆଖପାଖ ଅଞ୍ଚଳରେ ଶତାଧିକ ମହିଳା ଯୋଗ ଦେଇଥିଲେ।

